ଶ୍ରୀକୃଷ୍ଣ ଦାସଙ୍କ ରଚିତ

ସଚିତ୍ର

ଗୁଣସାଗର



ଶ୍ରୀକୃଷ୍ଣ ଉଦ୍ଧବ

ଶ୍ରୀପ୍ରମଥ ଲାଲ ସରକାରଙ୍କ ଦ୍ୱାରା

୨ୟ ବାର ପ୍ରକାଶିତ ।



PRINTED & PUBLISHED BY SARAT CH. ROY, AT THE
ANGLO-SANSKRIT PRESS, 51, SANKARITOLA
CALCUTTA
1920.

ମୂଲ୍ୟ, ୫ ୦୵ ।


ଗୁଣସାଗର ।



ପ୍ରଥମ ଛାନ୍ଦ ।

ଶ୍ରୀକୃଷ୍ଣ ଚରିତ ଚନ୍ଦ୍ରସୁଧାକର ବିସ୍ତାର ଜଗତମୁଣ୍ଡେ ।
ଶ୍ରବଣେ ଶୁଣନ୍ତେ କଳୁଷନାଶନ ଭବଦ୍ବନ୍ଦହିଁ ଖଣ୍ଡେ ॥
ଅମୃତ ପୟୋଧି ବ୍ରହ୍ମଜ୍ଞାନ ସାଧି ତିନିଭୁବନରେ ସାର ।
ବାଳକ ମତି କୃଷ୍ଣଦାସ ଭଣଇ ଉଦ୍ଧବ ଗୋପୀ ବିଚାର ॥
କହନ୍ତି ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଚାହିଁ ଭକତଲକ୍ଷଣ ଜାଣି ।
ଅଦ୍ୟ ତୁମ୍ଭେ ଗୋପପୁରକୁ ଚଳିବ ଆମ୍ଭର ବାରତା ନେଇ ॥
ସେ ଗୋପପାଟଣା ଅପୂର୍ବ ପାଟଣା ମନୁଷ୍ୟେ ନିର୍ମାଣ ନୋହି ।
ଅମର ବୈକୁଣ୍ଠ ମଧ୍ୟେ ଅବତାର ଦେଖିଲେ ହୋଇବ ମୋହ ॥
ରାଧା ଆଦିକରି ଯେତେ ଗୋପନାରୀ ଜନମି ଅଛନ୍ତି ଗୋପେ ।
ପୂର୍ବର ତପେ ସେ ଆମ୍ଭର ଭକତ ବରଜକାମିନୀ ରୂପେ । * ।
ବେଳଟଳେ ଆମ୍ଭେ ଗୋପପୁରେ ବଢ଼ିଲୁଁ ମଥୁରା ରହିଲୁଁ ଆସି ।
ଆମ୍ଭର ଶ୍ରୀମୁଖ ଦର୍ଶନ ନ ପାଇ ଝୁରୁଛନ୍ତି ଗୋପୀ ବସି ॥
ଏବେ ତୁମ୍ଭେ ଶୀଘ୍ର ଆ[illegible] ଯାଇ ଗୋପପୁରେ ଭଲେ ବୁଝ ।
ଜଣେ ଜଣେ କରି ପ୍ରବୋଧି [illegible] ଜ୍ଞାନପଥ ଚାଳିକରି ॥
ଶ୍ରୀକୃଷ୍ଣ ବଚନ ଶୁଣିଣ ଉଦ୍ଧବ ଦିବ୍ୟ ରଥ ସଜ କଲା ।
ରଜନୀ ପ୍ରଭାତେ ଜୟଶଙ୍ଖ ଦେଇ ଗୋପପାଟଣାକୁ ଗଲା ।
ସେଦିନ ଗୋପାଳେ ସବୁରି ଆନନ୍ଦ ଗାଈ ବନ୍ଦାବନ୍ଧ ଛନ୍ଦ ।
ଗୋପପୁର ମଧ୍ୟେ ଉତ୍ସବ ଆନନ୍ଦ ଯାତ୍ରା ଭିଆଇଛି ନନ୍ଦ ॥
ଏମନ୍ତ ସମୟେ ଉଦ୍ଧବ ଯାଇଣ ଗୋପରେ ପ୍ରବେଶ ହୋଇ ।
ନନ୍ଦସିଂହଦ୍ୱାରେ ରଥ ଓହ୍ଲାଇଣ ଭକତମାନଙ୍କ ଗୃହ । ୧୦ ।
ଦେଖି ଯଶୋବଲ୍ଲୀ ପାଦ ପଖାଳନ୍ତି ଆନନ୍ଦେ ପୁରବାସୀ ।

କହିବାକୁ ବଦନ ଅସନ ଦେଇଣ ବାରତା ଥୁଛନ୍ତି ବର୍ଷ ॥
ଯଶୋଦା ବୋଇଲେ ଶୁଣ ହେ ଉଦ୍ଧବ କଥାଏ କହିବା ତୋତେ ।



ବେଉଥିବେ ଯାଇ ମଥୁରା ରହିଲେ ଅନାଥ କରିଣ ମୋତେ ॥
ଧନୁର ଉତ୍ସବ ଯାତ୍ରା କରି କଂସ ଅକ୍ରୂରକୁ ପେଷିଦେଲା ।
ସେ ଆସି ଗୋପରେ ଧନୁଯାଗଲାଗି ରାମକୃଷ୍ଣ ନେଇଗଲା ॥
ସେହିଦିନୁ ତାଙ୍କ ଶ୍ରୀମୁଖ ନ ଦେଖି ଝଣେ ମୁହୂର୍ତ୍ତନାହିଁ ମନ ।
ତାହିଁ ଗଲେ ମୋର ଦୁଃଖୀର ଗଣ୍ଠିଲି କୃପଣପେଟିର ଧନ ॥
ଅନ୍ଧର ଲଉଡ଼ି ଦୁର୍ବଳ ପଦର ଦରିଦ୍ରଲୋକଙ୍କ ଦର୍ବ ।
ତାଙ୍କବିନେ ମୁଁ ଯେ ଅନାଥ ହୋଇଲି କେମନ୍ତେ ଧରିବ ଜୀବ ॥

ଉଦ୍ଧବ କହନ୍ତେ କୋପସଂହରଣ ସଧୀରେ କହ ବାରତା ।
ସାବଧାନ ହୋଇ ଶୁଣିମା ଗୋସାଇଁ ଠାକୁରଙ୍କ ଉଜମାତା ॥
ଓଙ୍କାର ଜ୍ୟୋତିଃ ମଣ୍ଡଳେ ଉତ୍ପତ୍ତି ବେଦମୂର୍ତ୍ତି ହରି ହର ।
ଅଶେଷ ବ୍ରହ୍ମାଣ୍ଡେ ଯେ ପ୍ରଭୁ ଠାକୁର ତୁମ୍ଭେ କିପାଁ ବୋଲ ମୋର ॥
ସବୁର ଜୀବନ ସବୁଙ୍କର ଧନ ସବୁର ଜୀବିକା ସେହ ।
ସଂସାର ଭିତରେ ଯେତେ ଜୀବଜନ୍ତୁ ତାଙ୍କ ବିନୁ ନାହିଁ କେହ ॥
ଏବେ ତୁମ୍ଭେ ତାଙ୍କୁ ଯେମନ୍ତେ ଦେଖିବ କହିବା ତହିଁର ଗତ ।
ମନ ସ୍ଥିର କରି ରଙ୍ଗାଅଧରକୁ ଦେଇଥିବ ଚିତ୍ତ ବୃତ୍ତି ।
ଭାବକୁ ଜକଟ ପ୍ରସନ୍ନ ହୁଅନ୍ତି ଭାବଦକୋଦଅ ନାମ ।
ଦଶତକୁ ହେଲା ଶ୍ରୋତପଦ୍ମହୋଲା ନନ୍ଦନସୁନ୍ଦର ଶ୍ୟାମ ୨୯ ।
ଯଶୋଦା ସଙ୍ଗରେ ଦମ୍ଭ କରନ୍ତେ ଜାଣିଲେ ବରଜବାସୀ ।
ଏକ ସଖୀ ଆଗେ ଆରେକ କହୁଛି ଉଦ୍ଧବ ଅଛନ୍ତି ଆସି ॥
ଚାଲଗୋ ସମସ୍ତେ ଆଗେ ଉଦ୍ଧବଙ୍କୁ କହିବା ଯାଇଣ ସେବା ।
ଏତେକାଳେ ଆମ୍ଭ ଦଶା ପାଇଣିଲା ଶ୍ରୀକୃଷ୍ଣ ଆସିବେ ଅବା ॥
ଶୁଣି ବ୍ରଜନାରୀ ଛାଡ଼ିଣ ପାଶୋର ଛାଡ଼ିଲେ କୁଟୁମ୍ବ ଆସ ।
ଏକତ୍ର ହୋଇ ସର୍ବ ଗୋପାଙ୍ଗନା ମିଳିଲେ ଉଦ୍ଧବ ପାଶ ॥
କ୍ରୋଧଦର ହୋଇ ସମସ୍ତେ ତହିଁ ଯାଇ ଦଶତଲବ ଯୁଗରେ ।
ଶିରେ କରଯୋଡ଼ ଦଶତଙ୍କୁ ବେଢ଼ି କାନ୍ଦନ୍ତି ଆନନ୍ଦ ଶବ୍ଦେ ॥
ପ୍ରଭୁ ଗୁଣଗୁଣି ବରଜତରୁଣୀ ସମସ୍ତେ କରନ୍ତି କୋହ ।
ଏକ ସଖୀ ମୁଖ ଆରେକ ଗୁଆଲୀ ଅଞ୍ଚଳେ ପୋଛନ୍ତି ଲୁହ ॥
ହା ହା କୃଷ୍ଣ ବୋଲି ରୋଦନ କରନ୍ତି ଉଦ୍ଧବ ଚରଣେ ପଡ଼ି ।
ଗୋପୀମାନଙ୍କର ଦଶାତ ଦେଖିଣ ଉଦ୍ଧବହିଁ କରଯୋଡ଼ି ।
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ଏ ତୁମ୍ଭ ନୁହଇ ଭଲ ।
ତୁମ୍ଭେ ଆମ୍ଭଙ୍କୁ ଯେ ଉଲଗି ହୋଇଲ ଏଡ଼େ କର୍ମ କିପାଁ କଲ ॥
ଆମ୍ଭେ ଗୋପନାରୀ ବନଜନ୍ତୁସରି ଅଜ୍ଞାନ ଆଗ୍ରହେ ଥାଉଁ ।
ଦଧିମୁଣ୍ଡେ କରି ବ୍ରାହ୍ମଣ ଗୃଣ୍ଡାଲ ସରୁଦ୍ୱାରେ ବୁଲି ଯାଉଁ ॥
ତୁମ୍ଭେ ଯେ ପ୍ରଭୁଙ୍କ ଅଙ୍ଗସଙ୍ଗ ଲୋକ ସନ୍ତ ଭକତ ସଙ୍ଗାତ ।

ବଡ଼ ହୋଇ ବର୍ଷା ସାନକୁ ଉଲଗ ଏ ତୁମ୍ଭର କେଉଁ ରୀତ ॥
ଉଦ୍ଧବ ବୋଇଲେ ତୁମ୍ଭ ମୁଖ ଦେଖି ଗଲା ମୋର ସର୍ବ ଦୁଃଖ ।
ବଲ୍କଲୁ ବସ୍ତ୍ର ଯେ ଚେଷ୍ଟା କେଣ୍ଟି ହେଲେ ହୁଅଇ ଯେମନ୍ତ ସୁଖ ॥
ଯେଉଁମାନେ କୃଷ୍ଣ କଥାରେ ନ ଥାନ୍ତି ସେ ପ୍ରାଣୀମାନେଟି ଜଡ଼ ।
ତୁମ୍ଭମାନଙ୍କର ଚରଣରେଣୁକୁ ମୁଁ ସ୍ତବ ମାଗେ ବ ବଡ଼ ॥
ଯେତେବେଳେ ଧ୍ରୁବ ଚତୁର୍ଭୁଜ ଦେଲେ ଶ୍ରୀକୃଷ୍ଣ ଉଦ୍ଧବ ଠାରୁ ।
ମାରକଣ୍ଡଋଷି ସଦ୍ଧ ନୋହିଲେଟି ସାତବରଷ ଥିଲୁ ॥
ଗୋପୀ ବୋଇଲେ ତା କେମନ୍ତେ ଜାଣିବା ଆମ୍ଭମାନେ ପ୍ରତେନାହୁଁ ।
ତୁମ୍ଭେ ଯେ ମହତ ଠାକୁରଙ୍କ ହିତ ସମସ୍ତ କହ ଗୋସାଇଁ ॥
ଉଦ୍ଧବ ବୋଇଲେ ଶୋକ ତେଜ ତୁମ୍ଭେ ଏକମୁଖ ହୋଇ ଆସ ।
ଆମ୍ଭଠାରୁ ଯେବେ ସେ କଥା ଶୁଣିବ ଧୈର୍ଯ୍ୟପଣରେ ବସ ॥
ଧନୁମାସ ଅନ୍ତେ ମକର ପଣନ୍ତେ ବଡ଼ ଏକାଦଶୀ ଦିନ ।
ସବୁ ଋଷିମାନେ ସଙ୍ଗତରେ ଯାଇ ପ୍ରୟାଗେ କଲେ ସ୍ନାହାନ । ୬୦ ।
ଅଙ୍ଗିରା ଅଗସ୍ତି ଭୃଗୁ ପରାଶର ନାରଦ ଏ ମହାମୁନି ।
ସନକ ମାର୍କଣ୍ଡ ବ୍ୟାସ ଶୁକ ସଙ୍ଗେ ଅଷ୍ଟବକ୍ର ଆଦି ଯେତି ।
ଧ୍ରୁବ ଅବତାର ଦଣ୍ଡୀମିଶ୍ର ମୁନି ସମସ୍ତେ ଅଛନ୍ତି ବସି ।
ଷଡ଼କର୍ମି ସାଧୁ ମୁକୁନ୍ଦମଣ୍ଡପେ ଗୋଷ୍ଠି କଲେ ସର୍ବ ଋଷି ।
ଅଗସ୍ତି ବୋଇଲେ ଶୁଣ ପରାଶର ଶ୍ରୀକୃଷ୍ଣ ମହିମା କୁହ ।
ଆମ୍ଭମାନଙ୍କର ତୃଷ୍ଣା ଭଞ୍ଜିବ ତୁମ୍ଭେହିଁ ମୁକତି ହୁଅ ।
ମୁନିହିଁ କହିଲେ ଏଡ଼େ ଭାଗ୍ୟ କାହା କହିବ ଶ୍ରୀକୃଷ୍ଣ ଗାଥା ।
ମୁହିଁ ସ୍ତୁତି କଲେ ବଖାଣି ନ ପାରେ ଶ୍ରୀ ବାସୁଦେବଙ୍କ କଥା ॥
ପରାଶର ମୁଖୁ ଶୁଣିଣ ଅଗସ୍ତି ବ୍ୟାସଙ୍କ ମୁଖକୁ ଚାହିଁ ।
ବୋଇଲେ ଶ୍ରୀକୃଷ୍ଣଚନ୍ଦ୍ରର ଗୋସାଇଁ ତୁମ୍ଭେ ପାଦବଦ କହି ।
ବ୍ୟାସ କହିଲେ ମୁଁ କୋଟି ୨ ଗ୍ରନ୍ଥ ଅନେକ ରଚନା କଲି ।
ଆଜପର୍ଯ୍ୟନ୍ତ ତାଙ୍କ ଅନ୍ତ ନ ପାଇ ବୃଥାରେ ଗଣ୍ଡି ହୋଇଲି ।
ବ୍ୟାସମହାମୁନି ବଚନ ଶୁଣିଣ ଅଗସ୍ତି ପାଇଲେ ବ୍ୟଥା ।
ଶୁକମୁନି ମୁଖ ଚାହିଁଣ ବୋଇଲେ ତୁମ୍ଭେ କୁହ କୃଷ୍ଣକଥା ॥

ଶୁକ କହିଲେ ସେ ଶ୍ରୀକୃଷ୍ଣଚନ୍ଦ୍ର ପିତା ନ ଜାଣିଲେ ଯହିଁ ।
ତାହାଙ୍କ ବାଳକୁ ଜାତ ହୋଇବନ୍ଧ ମୋହର ଭରସା କାହିଁ ॥
ଶୁକମୁଖ ମୁଖୁ ଶୁଣିଣ ଅଗସ୍ତି ମନେ ମନେ ବିସ୍ମରଇ ।
ନାରଦ ମୁଖକୁ ଚାହିଁଣ ବୋଇଲେ ତୁମ୍ଭେ ପାଣ୍ଡବଙ୍କ କହ ।
ନାରଦ ବୋଇଲେ ଯୋଗାଧୀଶ୍ୱର ନାମ ଯାର ମାୟାଧର ।
ମୁହିଁ ସ୍ଥିର ନାହିଁ ସେ କଥା କହିବ ବ୍ରହ୍ମାଙ୍କର ଅଗୋଚର ॥
ଭବଶୂରେ ଯହିଁ ଯେତେକ ଦେଖଇ ତାହାଙ୍କ ଚରିତ ମୁଖ ।
ସିଦ୍ଧମାନେ ଯାଙ୍କୁ ଭେଦ ନ ପାଆନ୍ତି ମୁଁ ସ୍ଥିର ବା କେଉଁ ଲୋକ ॥
ନାରଦ ବଚନେ ଅଗସ୍ତି ବୋଇଲେ ଅଙ୍ଗିର ଅଛନ୍ତି ଯେଣେ ।
କହିବେ ଗୋସାଇଁ ଠାକୁରଙ୍କ କଥା ତୁମ୍ଭେ ବୁଝିବନା କ୍ଷଣେ ॥
ଅଙ୍ଗିର ବୋଇଲେ ଶୁଣିମା ଅଗସ୍ତି ମାର୍କଣ୍ଡ ମୁଖକୁ ଚାହିଁ ।
ଭାଷିଲେ ଶ୍ରୀକୃଷ୍ଣ ଚରିତ ଗୋସାଇଁ ତୁମ୍ଭେ ପାଣ୍ଡବଙ୍କ କହି ॥
ଅଙ୍ଗିର ବୋଇଲେ ଶୁଣିମା ଅଗସ୍ତି କେବଳେ ମୁଁ ଏମନ୍ତ ହେଲି ।
ଚଣ୍ଡିଆଡ଼େ ତାଙ୍କ ମହିମା ଖୋଜିଣ ମହାଦେବଠାକୁ ଗଲି ॥
ଅନେକ ପ୍ରକାରେ ଚରଣେ ବନ୍ଦି ପଚାରିଲି ଶିବ ତୁଲେ ।
ସେହି ବୋଇଲେ ମୁଁ ଯୋଗ ସାଧୁଅଛୁ ଅନ୍ତ ପାଇନାହିଁ ଭଲେ ॥
ଅଙ୍ଗିର ବଚନ ଶୁଣିଣ ଅଗସ୍ତି ମାର୍କଣ୍ଡ ମୁଖ ଚାହିଁ ।
ବୋଇଲେ ଶ୍ରୀକୃଷ୍ଣ ଚରିତ ଗୋସାଇଁ ତୁମ୍ଭେ ପାଣ୍ଡବଙ୍କ କହି ॥
କେବଳବିଦ୍ୟା ତୁମ୍ଭେ ଅନେକ ସାଧିଛ ବଞ୍ଚିତ କାଳର ଯତ ।
ତୁମ୍ଭଠାରୁ ଆମ୍ଭେ ପ୍ରଭୁକଥା ଶୁଣି ସମସ୍ତେ ହେବୁ ମୁକତ ।
ଅଗସ୍ତି ବଚନେ ମାର୍କଣ୍ଡ ମୁନି ବୋଇଲେ ଶୁଣ ହେ ଋଷି ।
ଆମ୍ଭେ ଯେ ଶ୍ରୀକୃଷ୍ଣ କଥାରେ ଶ୍ରବଣ ଲଭାଏ ନ ପାରୁ ପଶି ॥
ଯୁଗ ଶେଷକାଳେ ଭାଷି ଯାଉଥିଲୁ ଗଭୀର ସମୁଦ୍ରେ ପଡ଼ି ।
ପ୍ରଭୋ ! ଶାହିକର ବୋଲି ନ କହିଲେ ସହଜେ ମରନ୍ତୁ ବୁଡ଼ି ।
ଆମ୍ଭ ମନକଥା ହୃଦୟବାରତା ଜାଣିଲେ ସାରଙ୍ଗପାଣି ।
ପ୍ରଭୋ ! ଶାହିକର କହିବା ମାତ୍ରକେ ଗର୍ଭେ ସଂହାରିଲେ ଆଣି ॥
କେବଳମାତ୍ର ମୁଁ ଗର୍ଭରେ ପଶିଲି ନ ଜାଣଇଁ ଆଉ କିଛୁ ।

ଦେଖିଲେ ଶ୍ରୀକୃଷ୍ଣ ହୃଦର ଭିତରେ ଅଶେଷ ବ୍ରହ୍ମାଣ୍ଡ ଅଛୁ ॥
କୋଟି ୨ ମେରୁ କୋଟି ୨ ପୃଥ୍ୱୀ କେତେଁ ଅଡ଼େ ଅଛୁ କେତେ ।
କେତେଯୁଗଯାଏଁ ଗର୍ଭରେ ରହିଲ କଳଣା ନ ଗଲା ମୋତେ ॥
ବ୍ୟାସମହାଯତି କୃଷ୍ଣଙ୍କୁ ଜନ୍ମପରି ଅନ୍ତ ନ ପାଇଲେ ଯହିଁ ।
ମୁହିଁ ହୀନଛାର ତାହାଙ୍କ ମହିମା ବିଶେଷି କହିବ କାହିଁ
ଯେମାନେ ତାହାଙ୍କ ଭକତ ଅଛନ୍ତି ଶୁଣ ତୁମ୍ଭେ ସର୍ବ ଋଷି ।
ମହାସୁଖମୟ ଯୋଗାଧି ସୁଲକ୍ଷ ସେହିଠାରେ ଛନ୍ତି ବସି ।
ଶ୍ରୀକୃଷ୍ଣ ଭକତ ଉଚ୍ଚାର କହିବେ କେହିକି ଦକ୍ଷ ନୋହିଲେ ।
ଧ୍ରୁବଙ୍କୁ ଚିହ୍ନିଣ ଠାକୁରଙ୍କ କଥା ଏତି ଗୋସାଇଁ କହିଲେ ।
ଏତେବୋଲି ମୁନି ଆସନ ଉପେକ୍ଷି ଧଇଲେ ବାଳକ ପାଦ ।
ଦେଖି ମୁନିମାନେ ଚକିତ ହୋଇଲେ ମନରେ କଲେ ଖେଦ ॥
ସଙ୍ଗ ଋଷିମାନେ ମୁନିଙ୍କୁ କହିଲେ ଏଷ୍ଟେ କଲ ଅନ୍ୟାୟ ।
କହିଁଲା ସ୍ଥବିର ଚରଣ ଧଇଲ ଏ ତୁମ୍ଭର କେଉଁ ରୀତି ॥
ପାଞ୍ଚ ବରଷର ବାଳକ ଶିଶୁଏ ତୁମ୍ଭେ ସାଠିକଙ୍କ ମୁନି ।
ଏତେ ଯତି ହୋଇ ପାଦ ଯେ ଧଇଲ ସ୍ଥବିର ହୋଇଲ ହାନି ॥
ମୁନି ବୋଇଲେଏ ବାଳକ ନୁହନ୍ତି ବ୍ରହ୍ମଜ୍ଞାନେ ବଡ଼ ଦୃଢ଼ ।
ଜନ୍ମକାଳ ଲେଖି ୨ ମୋହଠାରୁ ବେଲବର୍ଷ ଅଟେ ବଡ଼ ।
ଋଷି ବୋଇଲେ ତା କେମନ୍ତେ ଜାଣିବା ଆମ୍ଭ ମନେ ପ୍ରତେ ନାହିଁ ।
ଏହାଙ୍କ ଆଦ୍ୟନ୍ତ ବାରତା କେମନ୍ତେ କାହୁଁ ଜାଣିବା ଗୋସାଇଁ ॥
ମୁନି ବୋଇଲେ ଏ କୌଣସିକାଳରେ ମାତାଙ୍କ ଗର୍ଭରେ ଥିଲେ ।
ଜନନୀ ହୃଦରେ ଥାଇ ଧ୍ରୁବଯତି କୃଷ୍ଣନାମ ଅଶ୍ରେ କଲେ ।
ଦୃଢ଼ତର ହୋଇ କୃଷ୍ଣଙ୍କୁ ଭଜିଲେ ଷଣେ ନ ଛାଡ଼ନ୍ତି ଭାବେ ।
ଭଜନାଦବସେ ଶ୍ରୀକୃଷ୍ଣ ଭକତ ଉଚ୍ଚାର କରନ୍ତି ଭାବେ ।
ତଦନ୍ତରେ ପୁଣି ପ୍ରସବ ସମୟେ ଜନନୀ କଲେ ଜନମ ।
ଏତେ ଯତି ହୋଇ ଗର୍ଭରୁ ପଡିଲେ ଘୋଷୁଛନ୍ତି କୃଷ୍ଣନାମ ।
ସେହିଦିନୁ ତାଙ୍କ ବାସନା ସେଭିଣ ଦଶପୁପଥେ ନ ଗଲେ ।
ସପ୍ତମବରଷ ପୂର୍ଣ୍ଣ ହୁଅନ୍ତେ କୃଷ୍ଣନାମ ଅଶ୍ରେ କଲେ ॥

ଆମ୍ଭେମାନେ ଯେତେ ଅନେକ କାଳରୁ ଶ୍ରୀକୃଷ୍ଣ ସେବକ ନୋହୁଁ ।
ଦଣ୍ଡେ ହରି ନାମ ଭକତି ଧଇଲେ ଧ୍ରୁବ ସଙ୍ଗେ ସରି କାହୁଁ ।
କ୍ଷଣେ ଦଣ୍ଡେ ହରି ଭଜନା କଲନ୍ତେ କେବେ ସେ ପୂର୍ଣ୍ଣ ନୋହିଲା ।
ସାତକଳ୍ପଯାକ ଲେଖି ଲେଖି ସର୍ବେ ପାଞ୍ଚବରଷ ହୋଇଲା ।
କେଣୁକରି ଧ୍ରୁବ ବେନି ବରଷରେ ମୋଠାରୁ ଅଧିକ ଅଛି ।
ତୁମ୍ଭେ ମହାଯତି ବିବେକ ପୁରୁଷ ବିଚାରି ଆମ୍ଭଙ୍କୁ ବାଛ ॥
ଶୁଣି ସର୍ବଗୁଣି ସାନନ୍ଦ ହୋଇଲେ ଛାଡ଼ିଲେ ହୃଦର ବ୍ୟଥା ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ପ୍ରଭୁଙ୍କ ସେବାର କଥା ।
ତୁମ୍ଭେ ଯେ କହିଲ ସାନରୁ ବର୍ଷାଇ ଉଲଗି ହୋଇଲ ପୁଣ ।
ସାନଲୋକଙ୍କର ଏମନ୍ତ ମହିମା ଆମ୍ଭଠାରୁ ତୁମ୍ଭେ ଶୁଣ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ତୁମ୍ଭେ ଯାହା କହୁଅଛ ।
ଧ୍ରୁବ ମହାଯତି ପ୍ରତ୍ୟକ୍ଷେ ଈଶ୍ବର ଆମ୍ଭେ କାହୁଁ ତାଙ୍କୁ ଲକ୍ଷ ॥
ଦେଖିଲୁଁ ବିଦିତ ଶ୍ରୀମୁରମାର୍ଜ୍ଜଣ୍ଡ ଚରଣ ଧଇଲେ ଯାଇଁ ।
ଆମ୍ଭେ ଛାର ହୀନ ପାମର ଗୁଆଲୀ ଧ୍ରୁବସଙ୍ଗେ ସରି କାହିଁ ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ଏ କଥାମାନ ଗୋ ଛାଡ଼ ।
ମୋର ବିଚାରରୁ ଏମନ୍ତ ଦିଶଇ ଧ୍ରୁବଠାରୁ ତୁମ୍ଭେ ବଡ଼ ।
ପ୍ରଭୁଙ୍କ ଅଙ୍ଗରେ ସଙ୍ଗିନୀ ହୋଇଲ କେଣୁକରି ମହାଜ୍ଞାନୀ ।
ଷୋଡ଼ଶସହସ୍ର ମୁନି ଜନ୍ମ ହେଲେ ପୂର୍ବର ବାସନାଯୋଗେ ॥
ଗୋପୀଏ ବୋଇଲେ କେମନ୍ତେ ଜାଣିବା ଆମ୍ଭମନେ ପ୍ରତେନାହିଁ ।
ତୁମ୍ଭେ ଯେଉଁ କଥା କହିବାର ଆଣିଲ ସଂକ୍ଷେପି କହ ଗୋସାଇଁ ॥
ଉଦ୍ଧବ ବୋଇଲେ ଆମ୍ଭେତ ନ ଜାଣୁ ପୁରାଣରେ ଅଛି ଯଥା ।
କେଣୁ ତୁମ୍ଭଆଗେ ପ୍ରକାଶ କରୁଛୁଁ ତୁମ୍ଭ ପୂର୍ବଜନ୍ମ କଥା ।
ଯେଉଁ ଦିନ ତୁମ୍ଭେ ବ୍ରହ୍ମାଙ୍କନନ୍ଦିନୀ ହୋଇଥିଲ ବ୍ରଜନାରୀ ।
ଦୃଢ଼ଚିତ୍ତ ହୋଇ ମନସ୍ଥିର କର କହିବା କିଛି ବିସ୍ତାରି ।
ସତ୍ୟଯୁଗଅନ୍ତେ ତ୍ରେତା ପ୍ରବେଶନ୍ତେ ବସୁନାମେ ଏକ ଧାତା ।
ଷୋଡ଼ଶସହସ୍ର ମୁନିଜନ୍ମ କଲେ ଏକେ ଏକେ ବଳବନ୍ତା ॥
ସେ ଦିବସେ ତୁମ୍ଭେ ଧର୍ମ କଥା ଶୁଣି ଜ୍ଞାନସାଧିବାକୁ ଗଲ ।

ମୁକତି ହୋଇବା ନିମିତ୍ତରେ ତୁମ୍ଭେ ଈଶ୍ବରଙ୍କ ସେବା କର ।
ଈଶ୍ବରଙ୍କ ପାଦେ ମନ ଜ୍ଞାନ ଦେଇ ଛାଡିଲ ସଂସାର ଆଶ ।
ଗଙ୍ଗାକୂଳେ ବସି ତପ କଲ ତୁମ୍ଭେ ନବେ ସହସ୍ର ବରଷ ॥
ଜ୍ଞାନ ଅନଳରେ ପ୍ରକୃତି ଦହିଲ ଇନ୍ଦ୍ରିୟମାନଙ୍କୁ ମାରି ।
ଅନ୍ନ ପାଣି କିଛି ଭକ୍ଷଣ ନ କଲ ପବନ ଆହାର କରି ।
ଦୃଢବ୍ରତ କରି ଚକ୍ଷୁମାନ ମୋଳି ଈଶ୍ବରଙ୍କ କଲ ପୂଜା ।
କୈଳାସପୁରରେ ଆସନ କମ୍ପିଲା ଜାଣିଲେ ଦେବାଧି ରାଜା ।
ତୁମ୍ଭମାନଙ୍କର ଭକତି ଦେଖିଣ ଭଜେ କଲେ ଦେବ ବାଣୀ ।
ଡିବିଡିବି କରି ଡମ୍ବରୁ ବଜାନ୍ତି ବୃଷଭ ପିଠିରେ ବସି ।
ଶିରେ ଦିବ୍ୟ ଜଟା କଣ୍ଠିରେ କାଛଣ୍ଠା ବିଭୁତି ଭୂଷଣ ଶୋଭେ ।
ମହାଯୋଗେଶ୍ବର ଭୋଳାଦିଗମ୍ବର ପ୍ରସନ୍ନ ହୋଇଲେ ସବେ ।
ଦେଖି ଦେବ ବାଣୀ ବହୁତ ପ୍ରଶଂସି ବୋଇଲେ ବାକ୍ୟ ସଂକ୍ଷେପେ ।
ମର୍ତ୍ତ୍ୟରେ ଥିବ କି ସ୍ବର୍ଗକୁ ଯିବ ହେ ଏଡ଼େ ଦୃଢ଼ତପ ବଶେ ॥
ଇନ୍ଦ୍ରିୟ ନିରୋଧି ଅହ୍ଲାରେ ନିମନ୍ତି ଆମ୍ଭପାଦେ କଲ ସେବା ।
ତୁମ୍ଭସେବା ଦେଖି ପ୍ରସନ୍ନ ହୋଇଲୁଁ ବରମାଗି ଏବେ ଦେବା ॥
ମୁନିଏ ବୋଇଲେ ଯୋଗେଶ ଧୂର୍ଜଟି ଶୁଣିମା ଶ୍ରୀଦଶ ସାଇଁ ।
ଏଡ଼େ ଘୋରତପ ତୁମ୍ଭଙ୍କୁ କରୁଛୁ ମୁକତି ହୋଇବା ପାଇଁ ।
ଈଶ୍ବର ବୋଇଲେ ସେ ମହାଈଶ୍ବର ନାହିଁ ଆମ୍ଭ ଅଧିକାର ।
ମୁକତି ବୋଲି ସେ ଯେଉଁ କଥା ଗୋଟି କହ୍ନୁର କୋଠଭଣ୍ଡାର ।
ରାଜନ୍ତି ସମ୍ପଦ ବଡ଼ପଣ ଆଉ ଏହା ଯେବେ ଦେବା ନେନ ।
ଆମ୍ଭେ କହିବାକୁ କର୍ତ୍ତାମାନ ନୋହୁଁ ଠାକୁରଙ୍କ କୋଠଧନ ॥
ମୁନିଏ ବୋଇଲେ ଏ କି ବିପରୀତ ଶୁଣ ହେ ଶ୍ମଶାନବାସି ।
ବୃଥା ଅମ୍ଭେମାନେ ଯେତେ ତପ କଲୁଁ ନିଷ୍ଫଳା ହୋଇଲା ଅସି ॥
ପାର୍ବତୀ ନାଥଙ୍କୁ ସେବା କରି ଯେବେ କିଛି ଫଳ ନ ପାଇଲୁ ।
କର୍ମ୍ମ କାରଣର କିଛିହିଁ ନୋହିଲା ବୃଥାରେ ଗର୍ଜି ହୋଇଲୁ ।
ଶୁଣି ସଦାଶିବ ମୁନିଙ୍କି ବୋଇଲେ ଆତଙ୍କେ ନ ଭାଳ କିଛି ।
ଆମ୍ଭ ସେବା କରି ମୁକତି ନ ହେବ ତୁମ୍ଭଙ୍କୁ କାଳିଣ ଅଛି । ୧୭ ।

ତ୍ରେତା ଯୁଗରେହିଁ ଯେତେ ତପ କଲ ଫଳଶ୍ରୁତି ଆଉ ନାହିଁ ।
ତୁମ୍ଭମାନଙ୍କର ପୁଣ୍ୟ ପ୍ରକାଶିବ ଦ୍ୱାପରଯୁଗରେ ଯାଇଁ ।
ଅବତାର ପ୍ରଭୁ ମାନବମୂରତି ଦନୁଜମାନଙ୍କ ତାପେ ।
ଗୋପପୁରେ କୃଷ୍ଣ ଜନ୍ମିବେ ନିଜସ୍ୱ ଗଙ୍ଗା ଅବତାର ରୂପେ ॥
ତୁମ୍ଭେ ସର୍ବ ଋଷି ସେହିପୁରେ ପଶି ଘେନିବ ପୂର୍ବର ଦୀକ୍ଷା ।
ବ୍ରଜନାରୀରୂପେ ଜନମ ହୋଇବ ପାଇବ ଗୋଧନ ବସ୍ତା ।
ନବ ଯଉବନ ରୂପ ସଦା ଥିବ କେବେହେଁ ନୋହିବ ଭଙ୍ଗ ।
ପତିମାନେ କେହି ଛଳେକ ନୋହିବେ ନ ଛୁଇଁବେ ତୁମ୍ଭ ଅଙ୍ଗ ॥
ସବୁ ଗୋପୀଙ୍କର ପ୍ରାଣର ବଲ୍ଲଭ ଶ୍ରୀକୃଷ୍ଣ ହୋଇବେ ପତି ।
ତ୍ରେତାଯୁଗରେହିଁ ଯେତେ ତପଫଳ ତେଣୁ ପାଇବ ମୁକତି ।୧୦୧।
ସଦାଶିବ ବାଣୀ ମୁନିମାନେ ଶୁଣି ଛାଡିଲେ ହୃଦର ବ୍ୟଥା ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ତୁମ୍ଭ ପୂର୍ବଜନ୍ମ କଥା ॥
ତୁମ୍ଭେ ଯେତେ ଗୋପୀ ବ୍ରହ୍ମମୟ ତପୀ ପ୍ରତକ୍ଷେ ଶ୍ରୀକୃଷ୍ଣ ଦେହ ।
ଅନବରତରେ ପ୍ରଭୁଙ୍କୁ ଦହିଲ ତେଣୁ ତୁମ୍ଭେ ଆନ ନୁହ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ତୁମ୍ଭେ ଅଟ ମହାମାନ୍ୟ ।
ପୂର୍ବଜନ୍ମ କଥା ସମସ୍ତ କହିଲ ଆମ୍ଭର ଜୀବନ ଧନ୍ୟ ॥
କୃଷ୍ଣଥିଲାବେଳେ ଯେତେ ସୁଖମାନ ସେ ସୁଖ ପାଇବା କାହିଁ ।
ଏବେ ଯେତେ ଗୋପ ପାଟଣାରେ ଅଛୁ ଆମ୍ଭଠାରୁ ପାପୀ ନାହିଁ ।
କେତେଦିନେ ପ୍ରଭୁ କେତେ ସୁଖ ଦେଲେ ମନରୁ ନୁହେ ବିସ୍ମର ।
ଘରେ ବାହାରରେ ଯେଉଁ ଅଙ୍ଗେଗନ୍ଧ କେଣେ ଲଗିଥାନ୍ତି ହଦ ।
ଏଡ଼େ ପ୍ରଭୁ ହୋଇ କେଉଁ କଥାପାଇଁ ମନରେ ଗର୍ବ ବହିଲେ ।
ଆମ୍ଭମାନଙ୍କ ସେ ଅନାଥ କରିଣ ମଥୁରାପୁରେ ରହିଲେ ।
ହୃଦୟକମଳେ ଛନ୍ଦା ଦେଇ କରି ଘେନିଗଲେ ଦିବ୍ୟ ଚକ୍ଷୁ ।
କେତେ ନୟନରେ ଚାହୁଁଣି ପଡ଼ିଲା କାହୁଁହିଁ ଆମ୍ଭେ ନ ଦେଖୁ ।
ତୁମ୍ଭେ ଯେ କହିତ ସମସ୍ତଙ୍କ ହିତ ପ୍ରତ୍ୟକ୍ଷେ ଶ୍ରୀକୃଷ୍ଣ ଦେହ ।
କେତେଦିନେ ପ୍ରଭୁ ଗୋପକୁ ଆସିବେ ସେ କଥା ଆମ୍ଭଙ୍କୁ କହ ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ଅଧିକ ଚିନ୍ତାର କାହିଁ ।

ମୋତେ ପେଶିଛନ୍ତି ତୁମ୍ଭମାନଙ୍କ ବାରତା କହିବା ପାଇଁ । ୧୧୦ ।
ତୁମ୍ଭେ ଯେତେ ଗୋପୀ କୃଷ୍ଣମୟ ତହିଁ ପ୍ରଭୁଙ୍କ ବହଳ ତେଣୁ ।
ସେହି ତୁମ୍ଭ ନାମ ମନରେ ଚମକି ଛାଡ଼ି ନ ପାରନ୍ତି ତେଣୁ ।
ମୋତେ ବୋଇଲେ ତୁ ଗୋପୀଙ୍କୁ କହିବୁ ପ୍ରବୋଧି ଜ୍ଞାନବଚନେ ।
ଅବଶ୍ୟ ଆମ୍ଭେ ଯେ ଦର୍ଶନ କରିବୁ ଜ୍ଞାନ କରୁଥିବେ ମନେ ॥
ଗୋପୀଏ ବୋଇଲେ କର୍ଣ୍ଣ ଯ୍ୟାପୁରୁଷ ଗୋପକୁ ଆସିବେ ନାହିଁ ।
ତୁମ୍ଭ ମୁଖଁ ଶୁଣି ତାହାଙ୍କର କଥା ଆମ୍ଭର ବିଶ୍ୱାସ ନାହିଁ ॥
ଉଦ୍ଧବ କହିଲେ ବିଧାତା କରୁଛି କର୍ମର ବିପାକ ବନ୍ଧା ।
ଉତ୍ୟପଣେ ଆମ୍ଭେ ଗୋପକୁ ଆସିଲୁ ପ୍ରଭୁଙ୍କୁ ହୋଇଲା ବିଦା ॥
ଯଥୋଚିତ ଧର୍ମ ସାକ୍ଷି ବିଭବରେ କହିଲେ ବହଳ ଶ୍ଳେଷ ।
ଭାଷାରେ ତୁମ୍ଭଙ୍କୁ ଛାଡ଼ିଣ ନ ଯାନ୍ତି ନ ଜାଣି ଅଛି ଲୁ ଦୋଷ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ତୁମ୍ଭେ ଯେ ପ୍ରଭୁଙ୍କ ଦେହ ।
ତାଙ୍କୁ ଆମ୍ଭେମାନେ ଚାହିଁବି ଛଡ଼ିବୁ ସେକଥା ଆମ୍ଭଙ୍କୁ କହ ॥
ବ୍ରଜଗୋପୀମାନେ ସେକଥା କହନ୍ତେ ଉଦ୍ଧବ କରୁଣା ପାଇ ।
ସାନନ୍ଦ ହୋଇଣ ଅଟ୍ଟହାସ କଲେ ଗୋପୀଙ୍କ ମୁଖକୁ ଚାହିଁ ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ତୁମ୍ଭେ ଯେ ପ୍ରଭୁଙ୍କ ଦେହ ।
ଏବେ ତୁମ୍ଭେ କିପାଁ ତାହାଙ୍କୁ ବାଞ୍ଛିଲ ସେକଥା ଆମ୍ଭଙ୍କୁ କହ ॥
ଭକତମାନଙ୍କ ମାନ ଉଦ୍ଧାରିଣ ଯଶୋଦା ଦେବୀଙ୍କ ଶିଶୁ ।
ସେ ଅବା ତୁମ୍ଭଙ୍କୁ କି ଗୁଣ ନ କଲେ ତୁମ୍ଭେ କଲ ତାଙ୍କୁ ବଶ ॥
ଦରିଦ୍ରଙ୍କ ଧନ ଭକ୍ତଙ୍କ ଜୀବନ ଅଚଳଙ୍କୁ ବ୍ରଜସେନା ।
ଯେତେକ ଦନୁଜ ଗୋପରେ ମାଇଲେ ନ ଜାଣ କି ତାଙ୍କ ବାନା ॥
ବାଳକ କାଳରେ ବ୍ରଜସୁତ ମେଳେ ବନେ କଲେ ଯେହ୍ନେ ନୃତ୍ୟ ।
କାଳନ୍ଦୀଜଳରେ କମଳ ତୋଳନ୍ତେ କାଳୀୟ ଫଣାରେ ନୃତ୍ୟ ।
ବକା ଅଘାସୁର ଜାମଳାର୍ଜୁନ କେଶୀ ପ୍ରଲମ୍ବାକୁ ନାଶି ।
ଅଷ୍ଟମଲ୍ଲ ଷଣ୍ଢ ଶକଟା ମାଇଲେ ପୁତନା ଜୀବନ ଶୋଷି ॥
ବନଦାହ ଦିନେ ଘୋର ବୃନ୍ଦାବନେ ମରୁଥିଲେ ବ୍ରଜସୁତ ।
ଭକତଜନଙ୍କୁ ଉଦ୍ଧରି ସେଠାରୁ ଅତି ରଖିଲେ ଅଚ୍ୟୁତ ॥

ଅଷ୍ଟବକ୍ର ଭାରତେ ଯେତେ କହିଥିଲେ କେତେ ସୁମନ୍ତ୍ରିବା କାହିଁ ।
ତେଣେ ଯେ ନନ୍ଦକୁ ସର୍ପ ଗିଳିଥିଲା ତହୁଁ ରଖିଲେ କହାଇ ॥
ମଧୁବନେ ପଶି ମଲ୍ଲଗଜ ନାଶି ସୁଦାମା ଦୁଃଖଭଞ୍ଜନ ।
କଂସ ଆଦି କରି ସମସ୍ତ ମାଇଲେ ନ ଜାଣିଲ ତାଙ୍କ ଗୁଣ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ କହିବା ଉଚିତ ବାଣୀ ।
ପଣ୍ଡିତମାନଙ୍କ ସଭାଏ ତୁମ୍ଭେ ତ କହୁଅଛ ଶାସ୍ତ୍ର ଆଣି ।
ଉଦ୍ଧବ ଭଣିଲେ ଶାସ୍ତ୍ରମାନଙ୍କରେ ଅନ୍ତ ପାଇବାକୁ ନାହିଁ ।
କେତେବେଳେ ଯ ଯ କରନ୍ତି ଲେଖନ୍ତି ମୁଁ ତାହା କହିବ କାହିଁ ॥
ତୁମ୍ଭେ ଗୋପନାରୀ ଧନ୍ୟ ନ କରନ୍ତି ଦୁର୍ବୁଦ୍ଧି କପାଳ ଧର ।
ପ୍ରଭୁଙ୍କ ସେବକ ଅଟନ୍ତି ସେମାନେ ଏହାଙ୍କୁ ଛଡ଼ା ନ କର ॥
ଶ୍ରୀକୃଷ୍ଣ ଚରିତ ସେ ଅତି ପବିତ୍ର ଭକତଙ୍କ ମୁଖେ ପଡ଼ିଲେ ।
କୋଟି ଅଶ୍ୱମେଧ ଯଜ୍ଞତୁଲ୍ୟ ନୁହେ ତେବେ ପଦେ ଯୋଡ଼ିଲେ ॥
ଶୁଚିବନ୍ତ ହୋଇ ଯେଣେ ଥିବ ଥାଅ ଶ୍ରୀକୃଷ୍ଣ କଥାରେ ଲୟ ।
ଧର୍ମ୍ମ କର୍ମ୍ମ କିଛି ନ ଥିଲେ ତୁମ୍ଭର ସର୍ବଦା ତ ପୁଣ୍ୟମୟ ॥
ତେବେ ମୁଁ ପ୍ରଭୁଙ୍କୁ ଏମନ୍ତ ବୋଇଲି, ଶୁଣ ହେ କରୁଣାସିନ୍ଧୁ ।
କେମନ୍ତ ପ୍ରକାରେ କଳିଯୁଗରେ ପ୍ରସରଇ ଭବ୍ୟ ବୁଦ୍ଧି ॥
ଧନ ଜନ ଦାର ସମ୍ପଦରେ ମୋହ ବିଷସ୍ୱାଦ ସବୁ ଖେଦ ।
ଏଡ଼େ ମହାସ୍ନେହ ଅଣିଚ ହେବାକୁ କାହିଁ ପୂର୍ଣ୍ଣ ହେବ ପଦ ।
କହୁଛନ୍ତି ପ୍ରଭୁ ସେ ଆମ୍ଭର ଭକ୍ତ ପୂର୍ବେ ହୋଇଥିଲେ ମୁକ୍ତ ।
ଅମ୍ଭେ ଆଣି ମର୍ତ୍ତ୍ୟେ ଜନମ କରାଉ ଆମ୍ଭର ମହିମା ସେତ ।
ତେଣୁ କରି ମୋର ଭକତ ଅଛନ୍ତି ପଦକୁ ରହିବା ପାଇଁ ।
ସେ ମୋତେ ରହିଲେ ମୁଁ ତାଙ୍କୁ ଜାଣଇ ଏଥିରେ ସନ୍ଦେହ ନାହିଁ ॥
ଶାନ୍ତି ଧୈର୍ଯ୍ୟ ଆଦି ବିବେକ ଆରମ୍ଭି ଅଛନ୍ତି ଯେତେକ ଗୁଣ ।
ସେମାନଙ୍କଠାରେ ଅଛି ମୁଁ ଥୋଇଣ ଉଦ୍ଧବ ମୋଠାରୁ ଶୁଣ ॥
ତେଣୁ କରି ମୁହିଁ ପ୍ରକାଶ ହୁଅଇ ଭକତଙ୍କ ହୃଦରେ ପଶି ।
ଯହିଁକି ଯେ ପଦ ଯେମନ୍ତ ଘଟଇ ତାହା ଦେଉଥାଇ ବସି ।
ତପସ୍ୟା ବଳରେ ସେ ଯେଉଁ କହିଲା ପଦ ତପୋବଳ ହେଲେ ।

ସ୍ନେହ ଯଶୋଦାଙ୍କ ମୁହିଁ ନ ଛାଡ଼ଇ କହୁଦେଉଥାଇ ବଳେ ॥
ସ୍ନେହ ମୋତେ ଥୁଣି ଅନ୍ତର୍ଗତେ ଗୁଣି ବୋଲୁଥାଇ କୃଷ୍ଣ ସୁଧା ।
ମନସ୍ଥିର ଦେଖି ତତ୍ତ୍ୱସ୍ଥ ଏ ସୁଖୀ ତେଣୁ ମୁଁ ତାଙ୍କ ଶରଧା ॥
ଭକ୍ତଙ୍କ ମୁଖେ ମୁଁ ଈଶ୍ୱରରେ ଥାଏ ଏମନ୍ତ ବୋଲିଲୁ ଜାଣ ।
ସେ ଯେଡ଼େ କରଇ ମୁ ତେଡ଼େ ହୁଅଇ ଏକଥା ମୋର ପ୍ରମାଣ ॥
ସ୍ଥାନ ବଡ଼ ବଳ ଏମନ୍ତ ବୋଲି ଯେ ଭକ୍ତକୁ ବାଞ୍ଛିଲ ଯାହା ।
ମୁଁ ଯେବେ ତାହାଙ୍କୁ ପ୍ରସନ୍ନ ନୋହିବ ସେ କାହୁଁ ଲଭିବ ତାହା ।
ଭକ୍ତ ମୋ ଜୀବନ ବୋଲିଣ କହୁଛୁ ଶ୍ରୀମୁଖ ବଚନ ଦୃଢ଼ ।
ତେଣୁ କରି ଅମ୍ଭେ ଆମ୍ଭର ମହିମା କହୁଥାଇ ସ୍ଥାନ ବଡ଼ ।
ସେ ମୋତେ ଭାବିଲେ ମନରେ ସେବିଲେ ଅମ୍ଭେ ତା ନ ପାରୁ ଛାଡି
ବାହ୍ୟପ୍ରକାରରେ ଲୋକଙ୍କ ଲଜ୍ଜାକୁ ଅନ୍ତର୍ଗତେ ଥାଇ ଜଡି ॥
ମୋର ଦ୍ରବ୍ୟ ନେଇ ଜଗତେ କରଇ ତେଣେ ସେ ନ ଯାଏ ହାରି ।
ସବୁ ବାଣିଜ୍ୟରେ ବ୍ୟବସା କରଇ ମୋହର ମହିମା ଘେନି ॥
ଯେଉଁ କାଳେ ମୋର ଦଣ୍ଡସ୍ଥଳେ ପଡି ବିମୁଖ ହୁଅଇ ଯେବେ ।
ନାନା କୋପକାନ୍ଧ ମୋତେ ତାପକଲେ ଶରଧା ଲଗଇ ମୋତେ ॥
ମୋହର ଭକତ ମୋଗୁଣ ଜାଣଇ ଅନ୍ୟ ଜାଣିବାକୁ ନାହିଁ ।
ଏକା ବଚନକେ ସନ୍ଦେହ ଛାଡିଲା ଅଧିକ କହିବା କାହିଁ ॥
ଭକତ ଲକ୍ଷଣ ଦେବ ନାରାୟଣ ଶ୍ରୀମୁଖେ କହିଲେ ଯେତେ ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ କାନ୍ତଙ୍କ ମହିମା ଏତେ ।
ତୁମ୍ଭେମାନେ ଅବା କେମନ୍ତେ ବାଞ୍ଛିଲ ମୋତେହେଁ ଗୋପୀକଦମ୍ବ ।
ଅଦ୍ଭୁତ ବିଶେଷେ ଅପଲାପନ୍ୟାସେ କାନ୍ତଙ୍କ ଶାସ୍ତ୍ରକୁ ଭେଦ ।
ଗୋପୀ ବୋଇଲେ ତା କେ ଭେଦ କହିବ ପ୍ରସ୍ତାବେ କହିଲୁ ଯିନା ।
ଅମ୍ଭେ ବୋଇଲେ କି ସେ ନାସ୍ତି ହୋଇବ ଶ୍ରୀକୃଷ୍ଣ ପ୍ରଭୁ ବଚନା ॥
ଅମ୍ଭେ ମହାପାପୀ ଅଲକ୍ଷଣୀ ଗୋପୀ କର୍ମରେ ଅର୍ଜିତ ନାହୁଁ ।
ସୁଖଲବ ଦ୍ରବ୍ୟ ମୁକତି ସମ୍ପଦ ଖୋଜିଲେ ପାଇବୁ କାହୁଁ ।
କୋକିଳ ଯେମନ୍ତ ବାୟସ ବସାରେ ଜନମକୁ ଥିଅଇ ଆସି ।
ପଢ଼ନ୍ତୁ ହୋଇଣ ଅପଢ଼ନ୍ତ ହେଲୁ ସୁଲ ବୁଝିମୁ ନ ଜାଣି ॥

ପିତା ଶାଳ ଧ୍ୱଂସ ମାତ ରଜ ନାଶି ଯାହା ଆଶାରେ ରହିଲୁ ।
ସେହିତ ଅମ୍ଭଙ୍କୁ ଶଠପଣ କଲେ କୌଣସି ଅପେକ୍ଷା ନୋହିଲୁ ।
ସେହିମନ୍ତ ଅମ୍ଭ ପୂର୍ବର ଅର୍ଜିତ କର୍ମଫଳ ହେଲା ଆଜ ।
ବରଜକୁଳରେ ଜାତ ହୋଇ ଦୁଇ କୁଳକୁ ଛାଡ଼ିଲୁ ଲାଜ ।
ତାହାପରେ ଅସି ବେଢ଼ିଲୁ ନାଶି ଯାହା ଆଶାରେ ରହିଲୁ ।
ସେ ପ୍ରଭୁ ଅମ୍ଭଙ୍କ ଅନାଥ କଲେ କୌଣସି ଅପେକ୍ଷା ନୋହିଲୁ ॥
ଏତେକ ଲକ୍ଷଣ କହିଲ ଅମ୍ଭଙ୍କୁ ତାହା ସେ ଅମ୍ଭର ନାହିଁ ।
ଅମ୍ଭେ ମହାପାପୀ ଗୋପପୁର ଗୋପୀ ଗତର ବାସନା ନାହିଁ ॥
ଉଦ୍ଧବ ବୋଇଲେ ବାସନା ନ ଥିଲେ କେମନ୍ତେ ଦେହ ବହିଲ ।
ଯୁବତୀ ରୂପରେ ଗୋପନାରୀ ହୋଇ ଶ୍ରୀକୃଷ୍ଣ ଅଙ୍ଗ ଛୁଇଁଲ ॥
ପୂର୍ବର କରମ ଯେଉଣ ଜନମ କେଣୁ ଲଭିଲ ଏ ସୁଖ ।
ଯୋଗୀମାନେ ଯାଙ୍କୁ ଦେଖି ନ ପାବନ୍ତି ତୁମ୍ଭେ ତା ଲୋଚନେ ଦେଖ ।
ଗୋପୀଏ ବୋଇଲେ କେତେଦିନ ଅମ୍ଭେ ଦେଖିଥିଲୁ ଗୋପବେଶ ।
ଏବେ କାହିଁ ତାଙ୍କ ଦର୍ଶନ ପାଇବୁଁ ଉକଣ୍ଠ ମନକୁ ତୋଷି ।
ବଇଜ ତରୁଣୀ ପ୍ରଭୁ ଗୁଣଗୁଣି ସବୁଁଏ ମନେ ଆନନ୍ଦ ।
ଉଦ୍ଧବ ଗୋପୀଏ ଶ୍ରୀକୃଷ୍ଣ କଥାରେ ଲାଗିଛନ୍ତି ବୃଥା ଦ୍ୱନ୍ଦ ॥
ଏମନ୍ତ ସମୟେ କଥା ପଡ଼ୁ ପଡ଼ୁ ରାଧିକା ମିଳିଲେ ଆସି ।
ଉଦ୍ଧବଙ୍କୁ ଚାହିଁ ବଚନ କହିଲେ ଗୋପୀଙ୍କ ମଧ୍ୟରେ ବସି ॥
କନ୍ତଙ୍କ ଉତ୍ତମ ଗୁଣ ହେ ଉଦ୍ଧବ ତୁ ହର୍ଷେ ଗୋପକୁ ଆସୁ ।
ଅକ୍ରୂରକୁ ପେଷି କୃଷ୍ଣଙ୍କୁ ନେଇଛ ଏବେ କି ନେବାକୁ ଆସୁ ॥
ନନ୍ଦ ଯଶୋବନ୍ତୀ ମାତା ବେଭଜନ ଏହାଙ୍କୁ ପାରିଲେ ନାଥ ।
ଗୋପପୁର ଛାଡ଼ି ପରଜାଙ୍କୁ ଗଞ୍ଜି ଅମ୍ଭଙ୍କୁ ଘଉଡ଼ି ଦଥ ॥
ଉଦ୍ଧବ ବୋଇଲେ କ୍ରୋଧ ସମ୍ଭର ହେ ସଧୀରେ କହିବା ବାଣୀ ।
ସାବଧାନ ହୋଇ ଶୁଣିମା ଗୋସାଇଁ ଶ୍ରୀକୃଷ୍ଣଙ୍କ ପାଟବାଣୀ ॥
କଥାର ଛନ୍ଦରେ ମନ ଶୁଦ୍ଧଭାବେ ପଣ୍ଡାନ୍ତର ଦେଲ ଯାହା ।
ଠାକୁରଙ୍କଠାରୁ ଯେଉଁ ଆଜ୍ଞା ହେଲା ମୋଠାରୁ ଶୁଣ ହୋ ତାହା ।
ଜଗତଜୀବନ ଦୁଃଖିଲୋକ ପ୍ରାଣ ନନ୍ଦ ଯଶୋଦାଙ୍କ ଧନ ।

ସେ ଯେବେ ମଥୁରେ କଷ୍ଟେ ରହିଲେ ତୁମ୍ଭଠାରେ ତାଙ୍କମନ ॥
ଯୋଗାଶ୍ୱସ୍ତୁଷ ଯଶୋଦାଙ୍କ ଶିଶୁ ଭକତ କରୁଣା ସାଇଁ ।
ଦୂତପଣେ ମୋତେ ପଠାଇ ଅଛନ୍ତି ତୁମ୍ଭଙ୍କୁ ବୋଧିବା ପାଇଁ ॥
ତୁମ୍ଭ ମନ କଥା ହୃଦସ୍ଥ ବାରତା ଜାଣିଲେ କରୁଣାସିନ୍ଧୁ ।
ମନ ବଚନକୁ ସର୍ବଦା ରଞ୍ଜିଲ ତେଣୁ ତୁମ୍ଭେ ତାଙ୍କବନ୍ଧୁ ॥
ଗୋପୀଏ ବୋଇଲେ ଯେତେ କଥାମାନ କହନ୍ତି ସାରଙ୍ଗପାଣି ।
ମାହାତ୍ମକୁ ବୋଲି ଧରୁ ନ ବୋଲିବା ଅମ୍ଭେ ସବୁ ତାହାଜାଣି ॥
ଯାହାଲାଗି ସୁତ ଭ୍ରାତୃ ବାନ୍ଧବ ଜାତି କୁଳକୁ ତେଜିଲ ।
ତାହାଙ୍କର ଦୟା ଏତେକାଳେ ହେଲା ଏବେ ମନରେ ପଡିଲ ॥
ସେ ଯେ ନାରାୟଣ ଜଗତ କାରଣ ଜାଣନ୍ତି ହୃଦୟ ବ୍ୟଥା ।
ଭକତମାନଙ୍କୁ ଦୁଃଖ ଯେ ଦିଅନ୍ତି ଏତାଙ୍କ କେମନ୍ତ କଥା ॥
ଯେଉଁ ଲୋକ ତାଙ୍କୁ ପରମ ଆହ୍ଲାଦେ ମନରେ ଭଜନ୍ତି ଅଛୁ ।
ଭୋଜନ ବସନ ନ ଦେଇଲେ ତାଙ୍କର ତ୍ରିଭୁବନ କି ହେଉଛୁ ॥
ଯେଉଁ ଜଗଜ୍ୟୋତି ଦର୍ଶନେ ମୁକତି ସ୍ୱପନେ କଳୁଷ ନାଶେ ।
ଆପଣା ଭୃତ୍ୟକୁ ଦୁଃଖ ଦେଲେ କି ବଡ ପ୍ରଭୁପଣ ଦିଶେ ॥
ପ୍ରଭୁ ହେଲେ ସୁଖୀ ଭୃତ୍ୟହେଲେ ଦୁଃଖୀ ଲୋକେ ତାହାକୁ ବାଛୁବେ
ଏକଥା ତାହାଙ୍କ ଲଜ୍ଜା ନ ହେବଇ ମନରେ ବିଚାର ତୁମ୍ଭେ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ବ୍ରହ୍ମାଣ୍ଡଠାକୁର ହରି ।
ଭକତମାନଙ୍କ ତାରିବା ନିମନ୍ତେ ଅଛନ୍ତି ଏମନ୍ତ କରି ।
ଗୋପୀଏ ବୋଇଲେ କେମନ୍ତେ ଜାଣିମା ମନରେ ପ୍ରତ୍ୟୟ ନାହିଁ ।
ତୁମ୍ଭେ ସେ ମହତ ଠାକୁରଙ୍କ ହିତ ଦୃଷ୍ଟାନ୍ତ କହ ଗୋସାଇଁ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ପ୍ରଭୁ କରିଛନ୍ତି ଯଥା ।
ତୁମ୍ଭ ଅଗ୍ରେ ତେଣୁ ପ୍ରକାଶ କରୁଛୁ ସତ୍ୟଯୁଗର ସେ କଥା ।
ହିରଣ୍ୟ ନାମରେ ଦନୁଜ ଜନ୍ମିଲା ପୃଥିବୀକୁ ମହାଭାର ।
ତାହାର କୁଳରେ ସନ୍ତାନ ଉପୁଜି ପ୍ରହ୍ଲାଦ ନାମରେ ବୀର ॥
ସେ ମହାହିରଣ୍ୟ ଈଶ୍ୱରଙ୍କପାଦେ ସେବାକରେ ଭକ୍ତ୍ୟେ ପଡି ।
ଶିବ ସ୍ମରଣକୁ ସର୍ବଦା ପଢଇ ବିଷ୍ଣୁ ସ୍ମରଣକୁ ଛାଡି ॥

ଯେଣେ ଯାଏ ତେଣେ ଶ୍ରୀକୃଷ୍ଣଙ୍କ ଭଜେ ବିଷ୍ଣୁ ନାମେ ଯାଏ ବ୍ୟଥା ।
ଷଣ୍ଡ ପ୍ରହଲ୍ଲାଦ ଯେଉଁ ଶାସ୍ତ୍ର ପଢେ ସେହି ଶିବଙ୍କର କଥା ॥
ଏମନ୍ତେ ଭ୍ରମର ପାଠଶାଳାଠାରେ ଗୁରୁଙ୍କ ପଚ୍ଛରୁ ଅଛୁ ।
ହୃଦହର ବେଲ ପୁରାଣ ମଧ୍ୟରେ ମୁ ଭଜଥି ତୁମ୍ଭେ ବାଛ
ଗୋସାଇଁ କହିଲେ ଶିବ ପୁରାଣରେ ମୁ ଭଜ ନାହିଁ ତୁମ୍ଭେ ଜାଣ ॥
ପୁଣ୍ୟମନ୍ତ୍ରୀ ମୁ ଭ୍ରୁ ଯେବେ ଲଭପାଉ ପଢ଼ ତେ ବିଷ୍ଣୁପୁରାଣ ।
ଗୁରୁଙ୍କ ବାକ୍ୟରେ ସନ୍ତୁଷ୍ଟ ହୋଇଲେ ହିରଣ୍ୟସୁଜାର ଗୃହ ।
ଶିବପୁରାଣକୁ ସବୁ ତ୍ୟାଗ କରି ପଢ଼ିଲେ ପ୍ରଭୁଙ୍କ ପାଠ ॥
ଭଣି ଉତ୍ସବରେ ପଦ୍ମଶ୍ରମ କରି ଘୋଷନ୍ତି ବିଷ୍ଣୁପୁରାଣ ।
ଷାଠିଏ ଦିନରେ ଷଷ୍ଠୀ କୋଟି ଉଚ୍ଚ କଣ୍ଠାଗତ କଲେ ଜାଣ ॥
ଏମନ୍ତେ ହିରଣ୍ୟ ପୁତ୍ରକୁ ଭାବିଣ ପଚାରିଲା ରେ ଭ୍ରମର ।
କେତେଦିନେ ବାବୁ କି ପାଠ ପଢ଼ିଲୁ ମୋଆଗେ କହ ସତ୍ୱର ॥
ପିତାଙ୍କ ବଚନେ ପ୍ରହ୍ଲାଦ ଭ୍ରମଇ ପୁରାଣ କଲା ବ୍ୟାଖ୍ୟାନ ।
ଅଣ୍ଡ ଅନ୍ତକରି ସବୁ ସେ ପଢ଼ିଲା ଦେଇ ଚିତ୍ତ ବିଷ୍ଣୁପୁରାଣ ॥
ଶୁଣିଣ ଦାନବ ପୁତ୍ର ମୁଖ ଚାହିଁ କ୍ରୋଧରେ ଓଷ୍ଠ କାମୁଡ଼ ।
କହିଲା ଭ୍ରମର ଭଲେ ଗଲୁ ନାଶ ଶ୍ରୀକୃଷ୍ଣ ଉଦ୍ଧବ ପଢ଼ି ॥
ବିଷ୍ଣୁର ପୁରାଣ ପଢ଼ନ୍ତ କାରଣ ଏ ପାଠ ପଢ଼ିଲେ ମତ୍ତ ।
ଅମ୍ଭର ବଇରି ଦେବରିପୁଧର ତାହା ନାମ ଜପା ଧରୁ ॥
ଏବେ ତୁହି ବାବୁ ଅଜ୍ଞ ହୋଇରୁ ଶିବ ନାମ ଦୃଢ଼ କର ।
ମନ୍ତ୍ରମଣ୍ଡଳରେ ତୋତେ ମୁଁ ସ୍ଥାପିବି ଶ୍ରୀକୃଷ୍ଣ ନାମ ନ ଧର ॥
ପିତାଙ୍କ ବଚନେ ପ୍ରହ୍ଲାଦ କହିଲେ ଶୁଣ ହେ ବାପ ଗୋସାଇଁ ।
କୋଟି କୋଟି ବ୍ରହ୍ମା କୋଟି କୋଟି ଶିବ ବିଷ୍ଣୁ ସଙ୍ଗେ ସରି ନାହିଁ ॥
କୋଟିଏ ବ୍ରହ୍ମାଣ୍ଡ ରୋମେ ଧରିଛନ୍ତି ତୁମ୍ଭ ଆଗେ କହେଁ ଶୁଣ ।
ଅନ୍ତର ଯେତେକ ଦେବତା ଅଛନ୍ତି ସିନ୍ଧୁ ଫେଣ ପ୍ରାଣେ ଜାଣ ॥
ଶ୍ୱେତପଦ୍ମଲୋଚନା ସଂସାରକୁ ଦେଲା ରୂପେ ଜଗନ୍ନାଥ ମୋହେ ।
କୋଟିଏ ଈଶ୍ୱର ଯେଉଁ ପାଦତଳେ ଲୁଚ୍ୟପଣେ ସଦ୍‌ ନୋହେ ॥
ଶୁଣିଣ ହିରଣ୍ୟ ଶତ୍ରୁ ଜନମିଣ ପୁତ୍ରକୁ ବହିଲା ଦ୍ୱେଷ ।

କୁଳଦେବତାଙ୍କୁ ନିନ୍ଦା କଲୁ ବୋଲି ଅକର୍ଷି ଧଇଲେ କେଶ ॥
ପାର୍ଶ୍ୱସ୍ଥ ଦୂତଙ୍କୁ ଆହ୍ୱାନ କରିଣ ଆଜ୍ଞାଦେଲା ନୃପରାଣ ।
ଏହିକ୍ଷଣି ମୋର ପୁତ୍ର ତୁମ୍ଭେ ନେଇ ବେନିଖଣ୍ଡ କର ତାଣ ॥
ଶୁଣି ଦୂତମାନେ ଧରି ଘେନିଗଲେ ଅସ୍ତ୍ର ଲଗି ତାକୁ ନାହିଁ ।
ପ୍ରହ୍ଲାଦ ମୁଣ୍ଡକୁ କାଟି ଦୂତମାନେ ବାରତା କହିଲେ ଯାଇ ।
ଏମନ୍ତ ସମୟେ ଅନ୍ତର୍ଯ୍ୟାମୀନାଥ ଧ୍ୟାନେଣ ଜାଣିଲେ ତାହା ।
ଭକ୍ତକୁ ଦୟାରି ପଣ୍ଡବାନ୍ଧବେ ସେଠାରେ ହୋଇଲେ ସାହା ॥
ଅବଣୀରେ ଯାଇ ଜୀବଦାନ ଦେଇ ଗଣ୍ଡି ମୁଣ୍ଡ ଏକ କରି ।
ଗୃହକୁ ସତ୍ୱର ଯାଅ ହେ କୁମର ଅନ୍ତର୍ଦ୍ଧାନ ହେଲେ ହରି ।
ଶ୍ରୀକୃଷ୍ଣ ବଚନ ପ୍ରହ୍ଲାଦ ଶୁଣିଣ ନିଜ ଗୃହକୁ ଆସିଲେ ।
କୋଟିଏ କନ୍ଦର୍ପ ମୂର୍ତ୍ତି ଧରିକରି ପିତାଠାରେ ଠିଆ ହେଲେ ॥
ଦେଖି ନୃପସାଇଁ କୋପନଳ ହୋଇ ହସ୍ତିର ଦନ୍ତେ ଚିରାଇ ।
ବଜ୍ରଧିକଣ୍ଠାରେ ଥୋପ ଗୁନ୍ଥି କରି ସମୁଦ୍ରେ ମେଲିଲା ନେଇ ॥
ସମୁଦ୍ର ଭିତରେ ପ୍ରହ୍ଲାଦ ଶରୀରକୁ ସ୍ୱପବ ଡିଳିଲା ଯତ୍ନଂ ।
ଗ୍ରାସବକରି ସ୍ୱପବକୁ ମାରି ଭକ୍ତକୁ ଆଣିଲେ ତତ୍ପଂ ।
ପୁଣିହିଁ କୁମର ପ୍ରହ୍ଲାଦ ବୀର ମିଳିଲା ପିତାଙ୍କ ପାଶ ।
ରାକ୍ଷସ ହିରଣ୍ୟ ପୁତ୍ରକୁ ଚାହିଁଣ ମନରେ ବଢ଼ିଲା ରୋଷ ॥
ତବାକର ଶେଷେ ଭୋଜନାବକାଶେ ପୁତ୍ରକୁ ଘେନିଣ ଗଲା ।
ଭୋଜନସମୟେ ପ୍ରହ୍ଲାଦବୀରକୁ କାଳାନଳବିଷଦେଲା ॥
ଭୁଞ୍ଜି କରି ସୁତ ହେଲା ଅଚେତନ ଅଙ୍ଗରେ ଚେତନା ନାହିଁ ।
ଆରମନସାରି ଉଦ୍ଧରିଣ ପଦରେ କାଳାନଳ ବିଷଖାଇ ॥
ଦେଖିତାକଜନନୀ କ୍ରୋଧଭର ହୋଇ କ୍ରୋଡରେଧଇଲାଆଣି ।
ହାହା ! ପୁତ୍ରବୋଲି ରୋଦନ କରଇ ହିରଣ୍ୟରାଜାର ରାଣୀ ॥
ନଗର ମନୁଷ୍ୟ ସମସ୍ତେ ଧାଇଁଲେ ଶୁଣିକରି ଠେଲା ଠେଲି ।
ଅନ୍ତଃପୁର ମଧ୍ୟେ ଜଡ଼ା ଯେ ପଡ଼ିଲା ପ୍ରହ୍ଲାଦ ମଲା ବୋଲି ॥
ଏମନ୍ତେ ତାହାଙ୍କୁ ଜାଣିଲେ ଧ୍ୟାନେଣ ଅନ୍ତର୍ଯ୍ୟାମୀ ନାରାୟଣ ।
ବିପ୍ର ରୂପଧରି ପ୍ରବେଶ ହୋଇଲେ ଭକ୍ତଙ୍କ ଦୁଃଖଭଞ୍ଜନ ।

ପ୍ରସନ୍ନ ହୋଇଣ କହିଲେ ବ୍ରାହ୍ମଣ ମନରୁ ନ କର ତାପ ।
ତୋହର ମରଣ ଶୁଣି ମୁଁ ଆସିଲି କେମନ୍ତେ ମନ୍ତ୍ରରେ ବାପ ॥
କୋଟି ସୁଧାକର ସମ ନୁହେ ତୋର ଭାଲେ ଚନ୍ଦନ ବିନ୍ଦୁକୁ ।
ଷଣ୍ଢ ହୋଇଥିଲେ ପ୍ରହରେ ଗ୍ରହିବ ମୁଖ ମଣ୍ଡଳ ଗୋଟିକୁ ॥
ଏମନ୍ତ ଭଣିଣ ସେ ଦୁଃଖୀ ବ୍ରାହ୍ମଣ କହିଲେ ଶୁଣ ଗୋ ମାତା ।
ତୋର ପୁତ୍ରକଥା ଆମ୍ଭଙ୍କୁ ଲାଗଇ ମନକୁ ଅଡ଼ା ଭୁ ଚିନ୍ତା ।
ବେଦାନ୍ତାଦ ବାକ୍ୟ ଥିବ ଯେବେ ସତ୍ୟ ବଞ୍ଚିବ ବାଳକ ଶିଶୁ ।
ତୁମ୍ଭେମାନେ କେହି ଆଉଗେ ନ ଭାଳ ଆମ୍ଭେ ଛାଡ଼ିବା ସେ ଦୋଷ ॥
ମନ୍ତ୍ରକୁ ଉଚ୍ଚାରି ବେଦରୂପ ଧରି ପରମ ଆନନ୍ଦ ହେଲେ ।
ଉଠ ଉଠ କହି ଫୁଲପାଣି ନେଇ କୁମର ମୁଖେ ଛିଞ୍ଚିଲେ ॥
କୁମର ପ୍ରହ୍ଲାଦ ଦେଖି ପଦ୍ମପାଦ ହୋଇଲେ ଅତ୍ୟନ୍ତ ତେଜ ।
ଅନ୍ତର୍ଦ୍ଧାନ ହୋଇ ସେହିକ୍ଷଣି ଗଲେ ଦେବତାମାନଙ୍କ ରାଜ ॥
ଏହିଲକ୍ଷଣକୁ କିଛୁ ଦିନପରେ ଜାଣିଲେ ହିରଣ୍ୟ ରାଜ ।
ପୁଣିହିଁ ପୁତ୍ରକୁ ମାରିବା ନିମନ୍ତେ ଉପାୟ କଲେ ସହଜ ।
ଅଜ୍ଞାନ ଭଗିରେ ଅଚେତ ନିଦ୍ରାରେ ଶିରଚ୍ଛେଦ୍ୟ ମାଇଲା ।
ତିନିଙ୍ଗେରେ କୁଠାର ଶିଳରେ ବନ୍ଧାଇ ବ୍ୟଞ୍ଜନ କରି ଖାଇଲା ॥
ଦେଖି ତା ଜନନୀ କ୍ରୋଧବଳ ହୋଇ ନାରାୟଣଙ୍କୁ ସୁମରି ।
ପୁତ୍ର ପୁତ୍ର ବୋଲି ରୋଦନ କରନ୍ତେ ପ୍ରସନ୍ନ ହୋଇଲେ ହରି ॥
ଶ୍ରୀକୃଷ୍ଣ ବୋଇଲେ ତୋର ପୁତ୍ର ନୁହେ ପରକୁ କହିବା ଛନ୍ଦ ।
ଏତିକି ତୋ ପୁତ୍ର ଆମ୍ଭ କୋଡ଼େ ଅଛି ବୃଥା କାହିଁପାଇଁ କାନ୍ଦ ॥
ପ୍ରହ୍ଲାଦକର ଧରି ରକ୍ତିଧର ଜନନୀ କୋଡ଼ରେ ଦେଲେ ।
ଏହିକି ତୋ ପୁତ୍ର ଛାଡ଼ି ଯାଉନା ବୋଲି ଅନ୍ତର୍ଦ୍ଧାନ ହୋଇଗଲେ ॥
ଏହିସବୁ କଥା ଦେଖିଣ ହିରଣ୍ୟ କୋପେଣ ଜଳ ଯେ ଗଲା ।
ପୁତ୍ରକୁ ସ୍ନେହକୁ କାଢ଼ି ଦିଅ ବୋଲି ରମଣୀକୁ ଗାଳି ଦେଲା ॥
ଅନେକ କଷ୍ଟରେ କହିଣ ଦନୁଜ ଅନ୍ତଃରେ ହରଜେ ବଳ ।
ଆରଦିନେ ଭାଗି ପ୍ରଭାତେ କୁମର ପାଠ ପଢ଼ିବାକୁ ଗଲା ।
ପୁଣିହିଁ ପୁତ୍ରକୁ ମାରିବା ନିମନ୍ତେ ଖୋଜୁଅଛି ମହୀପାଳ ।

ଜୁଳ ଜୁଳ ଅସି ମଣ୍ଡପେ ଦେଖିଲ ଅବର୍ଣ୍ଣ ଧଇଲ ବାଳ ।
ଧରି ନୃପବର ହୋଇ କୋପ ଭର କମ୍ପି ଅଛି ପରଚଣ୍ଡ ।
କହଇ ପାମର ଆଜ କାହିଁ ଯିବୁ ଖଡ଼୍ଗେ କାଟିବ ମୁଣ୍ଡ ।
ଶିବ ନାମ ଛାଡ଼ି କୃଷ୍ଣନାମଧରୁ ମୋର ବଚନ ନ ରଖୁ ।
କାହିଁ ଅଛି ତୋର ଦେବ ଚକ୍ରଧର ଏତେବେଳେ ଆସି ରଖୁ ॥
କୁମର ବୋଇଲା ଆତଙ୍କଭଞ୍ଜନ ମୋର ପ୍ରଭୁ ନାମ ହରି ।
ଯେଣିକି ଚାହିଁବେ ତେଣିକି ଦିଶିବେ ଘଟେ ଘଟେ ଛନ୍ତି ପୂରି ।
ବିଷ୍ଣୁ ମାୟାଧର ମହିମା ଅପାର ତାହାଙ୍କ ଜାଣିବ କାହିଁ ।
ମନ କଲେ ଏହି ସ୍ତମ୍ଭରେ ଅଛନ୍ତି ଭକ୍ତଙ୍କ ରଖିବା ପାଇଁ ॥
ଥୁ ଥୁ ବୋଲ ଶୁଣି କୋପେ ନୃପମଣି ପାଦରେ ମାଇଲା ଅସ୍ଥି ।
ନୃସିଂହ ମୂରତି ସ୍ତମ୍ଭରୁ ବାହାରି ହିରଣ୍ୟକୁ ମାଡ଼ି ବସି ।
ବିକଟାଳ ରୂପ ଲହ ଲହ ଜିହ୍ୱା ହୁଲଇ ଶାରଙ୍ଗ ପାଣି ।
ବାମକରେ ଧରି ଦନୁଜକୁ ଧରି ଜାନୁରେ ଯାକିଲେ ଆଣି ॥
ପ୍ରଚଣ୍ଡ ବଦନ ଘୋରଗରଜନ କାଳାନଳପ୍ରାୟେ ଆଖି ।
ସ୍ୱର୍ଗଭୁବନଯେ କମ୍ପମାନ ହେଲା ନୃସିଂହ ମୂରତି ଦେଖି ।୧୨୫।
ବାଣସମ ତୀକ୍ଷ୍ଣ ଅଙ୍ଗୁଷ୍ଠ ନଖରୁ ଦନୁଜ ଗର୍ଭରେ ଭରି ।
ମହାଦଣ୍ଡମୂର୍ତ୍ତି ଧରିଣ ନୃସିଂହ ହିରଣ୍ୟ ବକ୍ଷ ବିଦାରି ॥
ହୃଦପଦ୍ମବିଦାରି କଣ୍ଠମୂଳଯାଏ ଅଣାଇଲେ ଅନ୍ତ୍ରବାହା ।
ଗର୍ଭର ଭିତରେ ରମଣୀମାନ ଏ ନୃସିଂହ ଜାଣିଲେ ତାହା ।
ଶ୍ରୀପଦ୍ମମୁଖ ମନେପାଇ ସୁଖ ଅତ୍ୟନ୍ତ ଶାନ୍ତି ହୋଇଲେ ।
ହିରଣ୍ୟ ଅନ୍ତ୍ରକୁ ବିଦାରି ନୃସିଂହ ଗଳାରେ ପଇତା କଲେ ॥
ତେବେହେଁ ମନରେ ଅଛି ଶାନ୍ତି ନାହିଁ ବ୍ରହ୍ମାଣ୍ଡେ ପୂରିଛି କାୟା ।
ଶୁକ ସନକାଦି ବ୍ୟାସ ମହାମୁନି ଅଗୋଚର ଯାର ମାୟା ॥
ସ୍ତୁତି କଲେ ଆସି ସକଳ ଦେବତା ଲକ୍ଷ୍ମୀଙ୍କୁ କୋଡ଼ରେ ଦେଇ ।
ନୃସିଂହମୂରତି ଉଗ୍ରରୂପତେଜି ଶାନ୍ତ ହୋଇଲେ ଗୋସାଇଁ ।
ପ୍ରଭୁଙ୍କ ଗ୍ରହଣ ପ୍ରସାଦ କରୁଛି ମୋର ପିତା ମୁକ୍ତ ହେଉ ।
ସବୁଦିନେ ତୁମ୍ଭ ଜାନୁରେ ପଡ଼ଇ ସମୁଖକୁ ଚାହିଁ ଥାଉ ॥

ହିରଣ୍ୟ ଜାନୁରେ ପଡ଼ି ପ୍ରଭୁଙ୍କ ଶ୍ରୀମୁଖକୁ ଚାହିଁ ଅଛି



ପ୍ରତିମା ଲେଖନ ଚିତ୍ରପଟ୍ଟ ଅବା ଅଙ୍ଗୁଳି ପାଷାଣ ରେଖା ।
ତୁମ୍ଭେ ଯହିଁ ଥିବ ସେହି ଠାଇଁ ଥିବ ଚାହିଁ ଥିବ ପଦ୍ମମୁଖ ।

ଶ୍ରୀକୃଷ୍ଣ କହିଲେ ଯାହା ଅରଜିଛୁ ଅବଶ୍ୟ ଭୁଞ୍ଜିବ ତାହା ।
ତୋହର ପିତାର ମୁକତି ହୋଇଲା ଅଧିକ କହିବା କାହା ॥
ସୃଷ୍ଟିର ଲାଗିଣ ଦାନବ ହିରଣ୍ୟ ଅସମ୍ଭବ ପୁଣ୍ୟ ଚଳୁ ।
ଅଜହୁଁ ପ୍ରଭୁଙ୍କ ଜାନୁରେ ପଡ଼ିଣ ଶ୍ରୀମୁଖକୁ ଚାହୁଁ ଅଛୁ ॥
ସକଳଦେବତା ପ୍ରଭୁଙ୍କୁ କହିଣ ଯେ ଯାହା ସ୍ଥଳକୁ ଗଲେ ।
ଅନ୍ତର୍ଯ୍ୟାମିନାଥ ପ୍ରହ୍ଲାଦକୁ ଘେନି ବୈକୁଣ୍ଠରେ ବିଜେ କଲେ ।
ଶୁକଦେବ କହିଲେ ଶୁଣ ଗୋପନାଶ୍ୱ ହିରଣ୍ୟ ଗ୍ରଜାର ସୁତ ।
ତାଙ୍କର ମହିମା ପୃଥିବୀରେ ଧନ୍ୟ ଯେଣୁକରି ପ୍ରଭୁଭକ୍ତ ॥
ପୂର୍ବର ଶାପକୁ ଦନୁଜକୁଳରେ ଜନ୍ମ ହୋଇଲେ ସେ ଅବା ।
ଭକ୍ତ ବାସନାକୁ ଘେନିଣ ପ୍ରହ୍ଲାଦ କୃଷ୍ଣ ପାଦେ କଲେ ସେବା ॥
କୋଟିଏ ବ୍ରତ କଲେ ପ୍ରହଲାଦ କେବଳ କହୁ ନ କହି ।
ଇନ୍ଦ୍ରପ୍ରମାନଙ୍କୁ ପ୍ରବୋଧ କରିଲେ ଏକାଦଶୀ ବ୍ରତ ଧରି ॥
ସୂର୍ଯ୍ୟାସ୍ତ ସମୟେ ପବିତ୍ର ହୋଇଣ ପ୍ରଭୁଙ୍କ ପାଶକୁ ଗଲେ ।
ପୂର୍ବଦିଗେ ବସି ଷୋଡ଼ଶ ସହସ୍ର କୃଷ୍ଣମନ୍ତ୍ରକୁ ଜପିଲେ ॥
ତୁଳସୀଙ୍କେ କେଶ ଧୂପ ଆରୋପିଣ କରେ ନୈବେଦ୍ୟ ଘେନି ।
ବୃକ୍ଷମୂଳେ ତୁଳ ଦୀପକୁ ବସାଇ ଦୀପେକ ଜାଳେ ମୂର୍ଚ୍ଛିଣ ।
ପୃଷ୍ଠିଗୁ ଆବୃତ ଦୀପଗୋଷ୍ଠୀ ସାତ ପ୍ରଭୁଙ୍କ ସମ୍ମୁଖେ ଜାଳି ।
ସମରଜନୀରେ ଜାଗର ହୋଇଣ ଏକାଦଶୀ ବ୍ରତ ପାଳି ।
ଅନେକ ପ୍ରକାରେ ବିନୟ ହୋଇଣ ପାଦପଦ୍ମ ଧ୍ୟାନ କଲେ ।
ଭକତବତ୍ସଳ ହୋଇଣ ନିର୍ମଳ ବରମାଗ ଆଜ୍ଞା ଦେଲେ ।
ପ୍ରଭୁଙ୍କ ବଚନେ ପ୍ରହ୍ଲାଦ କହିଲେ ଅନ୍ୟବରେ ନାହିଁ କାର୍ଯ୍ୟ ।
ତ୍ରିଜଗତେ ତୁମ୍ଭ ପାଦପଦ୍ମ ତୁଳ ସେବୁଥିବ ଦେବରାଜ ॥
ଶ୍ରୀକୃଷ୍ଣ ବୋଇଲେ ଅନେକ ପ୍ରକାରେ ଆମ୍ଭଙ୍କୁ କଲ ତୁ ସେବା ।
ତେଣୁକରି ଆମ୍ଭେ ତୁମ୍ଭଙ୍କୁ ସ୍ୱର୍ଗରେ ଇନ୍ଦ୍ରଙ୍କ ପଦକୁ ଦେବା ॥
ଚରଣେ ଲୋଟିବେ ସକଳ ଦେବତା ଲଭିବେ ଅନେକ ଯଶ ।
ଶଚୀଙ୍କ ସଙ୍ଗରେ ଅଭିଷେକ ହୋଇ ସୁରପତିପଦେ ବସ ॥
ଶ୍ରୀକୃଷ୍ଣ ବଚନେ ପ୍ରହ୍ଲାଦ ବୋଇଲେ ଇନ୍ଦ୍ରପଦ ମୋର କେ ।

ତୁମ୍ଭ ପାଦପଦ୍ମେ ମୋର ରତିଥିବ ଏହି ଆଜ୍ଞା ମୋତେ ହେଉ ॥
ଶ୍ରୀକୃଷ୍ଣ କହିଲେ ଏ ବର ଦର୍ପାଇ ନାସ୍ତି କଲ ହେ ପ୍ରହ୍ଲାଦ ।
ହୋଇଅଛୁ ସ୍ଥିର ପୂର୍ବରୁ ଅମର ତୋତେ ଦେବା ଇନ୍ଦ୍ରପଦ ।
ଶ୍ରୀକୃଷ୍ଣଙ୍କ ବାଣୀ ଶୁଣିଣ ପ୍ରହ୍ଲାଦ ବେଗରେ ସ୍ୱର୍ଗକୁ ଗଲେ ।
ଅନ୍ତଃପୁରେ ଇନ୍ଦ୍ର ଅଛନ୍ତି ଛାଡ଼ିଣ ସିଂହାସନେ ଭଜେ କଲେ ।
ଦେଖି ଦେବଲୋକେ ହାସ୍ୟ କଲେ ତାଙ୍କ ଇନ୍ଦ୍ରକୁ କହିଲେ ଯାଇ ।
ମନୁଷ୍ୟ ଗୋଟାଏ ଆସ୍ଥାନେ ବସିଛୁ ଶୁଣିମା ଦେବ ଗୋସାଇଁ ।
ଏମନ୍ତ ଶୁଣୁଛନ୍ତି ଅବ ସ୍ୱର୍ଗରେ କି କି ପଞ୍ଚାନ୍ତର ହେବା ।
କୋଟିଏ କନ୍ଦର୍ପ ଜ୍ୟୋତି ତେଜ ରୂପ ନବୀନ ସୁନ୍ଦର ଯୁବା ।
ମଘବା କହିଲେ ଏତ ଉପଗ୍ରହ ଉପବର୍ଗଲ ଅବା କଡ଼ି ।
ମଞ୍ଚରୁ ମାନବ ସ୍ୱର୍ଗକୁ ଆସିଲା ତାବୃକା ମାନ୍ଦ ଘଉଡ଼ି ।
ସୁରପତି ବାଣୀ ଦେବଲୋକେ ଶୁଣି ଆସିଲେ ଟହ୍ନି ବାହୁଡ଼ ।
ବହୁତ ଗଞ୍ଜଣ ପ୍ରହ୍ଲାଦଙ୍କର ଅସ୍ଥାନରୁ ଦେଲେ ଟାଡ଼ି ।
ସେଠାରୁ ଆସିଣ ବୀର ପ୍ରହ୍ଲାଦ ପ୍ରଭୁଙ୍କୁ ଯାଇଁ କହିଲେ ।
ହେ ପ୍ରଭୋ ମୋ ଆମ୍ଭଙ୍କୁ ସ୍ୱର୍ଗଦେବଲୋକେ ଅସ୍ଥାନୁ ଘଉଡ଼ିଦେଲେ ॥
ଆପଣଙ୍କ ଆଜ୍ଞା ଶିରରେ ଧରିଣ ସ୍ୱର୍ଗଭୁବନକୁ ଗଲି ।
ଯେଉଁ ବର ଦେଲେ ସଫଳ ନୋହିଲା ବୃଥାରେ ଗଞ୍ଜି ହୋଇଲି ॥
ପ୍ରହ୍ଲାଦ ବାଣୀ ଶୁଣି ରଙ୍ଗିଣି ଦନ୍ତୁର କାନ୍ତି ତତ୍ତ୍ୱେ ।
କହିଲେ ଦେବଙ୍କ ଗର୍ବକୁ ଗଞ୍ଜିବ ଆପଣା ସେବକ ହିତେ ।
ଶୁଣ ହେ ପ୍ରହ୍ଲାଦ ଅପମାନ କଲେ ଭାବନା କିଛି ନ କର ।
ମୁହିଁ ଯାଇଁ ତାଙ୍କ ଗର୍ବକୁ ଗଞ୍ଜିବି ମୋର ନାମ ମାଧ୍ୟଧର ।
ଏମନ୍ତ ବଚନ କହିଲେ ଶ୍ରୀକୃଷ୍ଣ କଥାଏ ମାଗିବି ତୋତେ ।
ତୋହର ଯେମନ୍ତେ ଦେବାକୁ ଅବଧି ସନ୍ଦେହ ଥାଅ ମୋତେ ।
ପ୍ରଭୁଙ୍କ ବଚନେ ପ୍ରହ୍ଲାଦ କହିଲେ କି ସତ୍ୟ କରିବି ମୁହିଁ ।
ଶ୍ରୀକୃଷ୍ଣ ବୋଇଲେ ଅନ୍ୟକାର୍ଯ୍ୟ ନାହିଁ ଆମ୍ଭ ପାଦ ଥାଅ ଛୁଇଁ ॥
ଶୁଣିଣ ବଚନ ପ୍ରଭୁପଦ୍ମପାଦେ ଶିର ଲଗାଇ ଛୁଇଁଲେ ।
ଯାହା ଆଜ୍ଞା ହେବ ତାହା ମୁହିଁ ଦେବି ପ୍ରହ୍ଲାଦ ଏହା କହିଲେ ॥

ଶ୍ରୀକୃଷ୍ଣ ବୋଇଲେ ଅମ୍ଭ ଆଜ୍ଞାପାଇ ଇନ୍ଦ୍ର ହୋଇବାକୁ ଯାଅ ।
ଋଷିଦେବତାଏ ଅର୍ଚ୍ଚନା ନ କଲେ ଆମ୍ଭଙ୍କ ନ ହେଲା ବଳ ।
ଦେବତାମାନେ ଯେ ହିଂସ୍ରକ ଅଛନ୍ତି ଗୁଣ ନ ଜାଣିଲେ ତୋର ।
ଅମ୍ଭେ ନମାଇଲେ ତେ ତୋତେ ମାନିବେ ଗୁଣ ହେ ପ୍ରହ୍ଲାଦବୀର ॥
ଏବେ ଚଳିଯିବା ସ୍ୱର୍ଗପୁରେ ଥିବା ଦେଖିଲୁ ଦେବତାଗଣ ।
ବେଳଲୋଚନରେ ସର୍ବେ ଦେଖୁଥିବେ ତୋତେ ଦେବି ଇନ୍ଦ୍ରପଣ ॥
ଅମ୍ଭେ ଯେଉଁବେଳେ ଆସନେ ବସାଇ ଇନ୍ଦ୍ରପଦ ଦେବୁଁ ତୋତେ ।
ତେତେବେଳେ ମୁହିଁ ପ୍ରଣାମ କରିବ ଭୟ ନ କରିବୁ ଚିତ୍ତେ ॥
ପ୍ରଭୁଙ୍କର ବାଣୀ ପ୍ରହ୍ଲାଦ ଶୁଣି ଚକିତ ହୋଇ ରହିଲେ ।
ଚନ୍ଦ୍ରା ଚାମୁଣ୍ଡଣ ଥର ଥର ହୋଇ ଶିରରେ ହସ୍ତ ମାଇଲେ ॥
ସର୍ବ କାମଧର ଗୋବିନ୍ଦ ମୁଖରେ ଶିରରେ ଯୋଡିଲେ କର ।
ପ୍ରହ୍ଲାଦ କହିଲେ ଇନ୍ଦ୍ରପଦ ମୋର କାର୍ଯ୍ୟ ନାହିଁ ଚକ୍ରଧର ॥
ଅଶେଷ ବ୍ରହ୍ମାଣ୍ଡେ ଯେ ପ୍ରଭୁଠାକୁର ସକଳଜୀବେ କାରଣ ।
ସେହି ମୋତେ ଯେବେ ନମସ୍କାର ହେବେ ଅବଶ୍ୟ ହେବ ମରଣ ॥
ଧିକ ମୋ ଜୀବନ ଛଇଥିବାଛର ମାତାପିତା ବନ୍ଧୁଗଣ ।
ତୁମ୍ଭ ଶ୍ରୀମୁଖରୁ ଏହି ଆଜ୍ଞା ହେଲା ଯୋଡ଼ି ମୋ ଭଗତପଣ ।
ପ୍ରହଲାଦ ବାଣୀ ଶୁଣି ଚକ୍ରପାଣି କହିଲେ ବୁଝାଇ ତର ।
ତେତେବେଳେ ତୁମ୍ଭେ ସତ୍ୟ କରିଅଛ ଏବେ କିମ୍ପା ନାସ୍ତି କର ॥
ଅମ୍ଭପାଦ ଛୁଇଁ ସତ୍ୟ କରିଅଛ ଏବେତ ନାସ୍ତି ନୋହିବ ।
ତୁମ୍ଭେ ଅମ୍ଭଠାରେ ଦ୍ରୋହପଣ କଲେ ଅନ୍ଧତନେ ନାଶଯିବ ।
ସ୍ଥାବରଜଙ୍ଗମ ସୃଷ୍ଟିପତଙ୍ଗାଦି ମୁହିଁ ସମସ୍ତ ତାତ ।
ମୋହର ନଥିଲ ଦ୍ରବ୍ୟ ଅଛୁ ତାହିଁ ଶୁଣରୁ ହିରଣ୍ୟ ସୁତ ॥
ମୁହିଁ ମୋତେ ଦେଇ ମୁହିଁ ମୋତେପାଇ ମୁହିଁ ମୋର ସୁଖେ ରହି ॥
ମୁହିଁ ମନ୍ତ୍ରନିଦ୍ରା ସଂସାରେ ପଡଣ ମୁହିଁ ଶକ୍ତି ହେଉ ଥାଇ ॥
ମୁହିଁ ମୋତେ ଦଣ୍ଡ ମୁହିଁ ମୋତେ ମଣ୍ଡ ମୁହିଁ ମୋରସୁଖେ ଭଲ ।
ମୁହିଁ ମୋ ବାଞ୍ଛିତ ମୁହିଁ ମୋ ମଇତ୍ର ମୁହିଁ ମୋତେ ହୋଇ ଖଳ ॥
ସମସ୍ତଙ୍କ ଧନ ସମସ୍ତ ଜୀବନ ସମସ୍ତ ବ୍ୟାପାର ମୁହିଁ ।

ତେଣୁକରି ତୋତେ ଓଲଗି ହୋଇବ ଆମ୍ଭର ଭାବନା ପାଇଁ ॥
ତୁମ୍ଭ ମସ୍ତକରେ ଅମୃତନାମରେ ଶ୍ରୀହରି ମନ୍ଦିର ଥିବ ।
ଅମ୍ଭେ ନମସ୍କାର ତୁମ୍ଭଙ୍କି ହୋଇବୁଁ ତୋତେ କିଞ୍ଚି ଦୋଷ ହେବ ॥
ଏବେ ଯେ ସ୍ୱର୍ଗରେ ଇନ୍ଦ୍ର ହୋଇଅଛୁ ସେହ ଗର୍ଜି ହୋଇ ମରୁ ।
ଅମ୍ଭେ ନମସ୍କାର ଅମ୍ଭଙ୍କୁ ହୋଇବୁଁ ତାହାଂକ କିମ୍ପାଇ ଛକୁ ॥
ଶୁଣି ପ୍ରହଲ୍ଲାଦ କହିଣ ବିଷାଦ ମନେ ମନେ ଶାନ୍ତ ହେଲେ ।
ଶ୍ରୀମୁଖ ବଚନ କେମନ୍ତେ ଲଙ୍ଘିବ ଅଗତ୍ୟା ସ୍ୱୀକାର କଲେ ॥
ହରିଙ୍କ ବାଣୀ ଶୁଣି ଋଷିପାର୍ଷି ସେହିକ୍ଷଣି ସଜ ହେଲେ ।
ପ୍ରହ୍ଲାଦଙ୍କୁ ସଙ୍ଗେ ଘେନିଣ ଶ୍ରୀକୃଷ୍ଣ ଇନ୍ଦ୍ରପୁରେ ବିଜେ କଲେ ॥
ଦେଖି ବେଦଋଷି ସମସ୍ତେ ସେଠାଂ ଆସି ଦର୍ଶନ କରନ୍ତି ତହିଁ ।
ତାଙ୍କ ହସ୍ତଦେଇ ଠିଆହୋଇଛନ୍ତି ପ୍ରଭୁଙ୍କ ମୁଖକୁ ଚାହିଁ ।
ବରୁଣ କୁବେର ଦଣ୍ଡପାଳ ସମସ୍ତେ ମଉନ ବ୍ରତ ।
କେହି କାହାକୁହି କଥା ନ କୁହନ୍ତି ଭରେଣ କଂପର ମତ ।
ଦେବତାମାନଙ୍କ ଦେଖି କୃପାସିନ୍ଧୁ ଜୟଶଙ୍ଖ ଧ୍ୱନି କଲେ ।
ତୁଇ ବାହୁରେଟ ପ୍ରହ୍ଲାଦଙ୍କୁ ଧରି ସିଂହାସନେ ବସାଇଲେ ।
ଶ୍ରୀଦଧି ଫୁଲରେ ଗୁନ୍ଥି ଧଣ୍ଡାମାଳ ପ୍ରହ୍ଲାଦ ଶିରରେ ଦେଲେ ।
ପଦ୍ମିନୀପାଖରେ ନବରତ୍ନ ଖଞ୍ଜି ମନୋହର ବେଶ କଲେ ।
ମୁକୁତା ଜାଲରେ ମାଣିକ୍ୟ ଖଞ୍ଜିଲେ ଝଲମଲ ଦିଶୁଅଛି ।
ପ୍ରହ୍ଲାଦଙ୍କ କଣ୍ଠେ ମୁକୁତାର ମାଳ ଉଦ୍ୟଶୋଭା ପାଉଅଛି ।
ଶରୀରେ କସ୍ତୁରି ଚନ୍ଦନ ଲଗାଇ ବସାଣିଲେ ଜଗତ୍ପିତା ।
ପ୍ରହଲାଦ ମସ୍ତକ ଉପରେ ଲେଖିଲେ ଶ୍ରୀହରିମନ୍ଦିର ଛତା ।
ଆସନ ଉପରେ ସୁବେଶ କରିଣ ବସାଇଲେ ଚକ୍ରଧର ।
ଅଲପ ବୃଦ୍ଧକୁ ପଞ୍ଚବୃକ୍ଷା ଦେଇ ବଲ୍ଲଭଙ୍କ ଯୋଡିଲେ କର ।
ନମଃ ଇନ୍ଦ୍ର ବୋଲି ଶ୍ରୀମୁଖେ ଉଚାରି ଠିଆହେଲେ ଭାବଗ୍ରାହୀ ।
ସକଳ ଦେବତା ପାଦରେ ପଡିଲେ ପ୍ରହ୍ଲାଦ ମୁଖକୁ ଚାହିଁ ॥
ଶୁଣିକି ଉଠିଣ ଶିରେ କରଯୋଡି ସ୍ତୁତିକଲେ ସେ ଯାହାରେ ।
ଜୟ ଜୟ ଘଣ୍ଟ ଶବଦ ମୁଭିଲା ଅମର ବୈକୁଣ୍ଠପୁରେ ।

ଶଙ୍ଖ ଶରଶୂଳି ଧାରୀଙ୍କ ସଙ୍ଗରେ ଅନ୍ତର୍ଦ୍ଧାନ ଉଦ୍ଧ ଗଲେ ।
ବାରଇମନରେ ଥରଥର ହୋଇ ପ୍ରଭୁଙ୍କ ଦର୍ଶନ କଲେ ।
ଶିରେ କରଯୋଡ଼ି ବିନୟ ହୋଇଲେ ପ୍ରଭୁଙ୍କ ମୁଖକୁ ଚାହିଁ ।
ଅଶେଷ ବ୍ରହ୍ମାଣ୍ଡେ ଠାକୁର ହୋଇ ଅଛି ଚଳ ଗୋସାଇଁ ।
ଅଷ୍ଟାଦଶ ଯୁଗ ଉଦ୍ଧ ପଦେ ଥିବ ଷଣ୍ମୁଖରେ ଅଙ୍କିଦେଲ ।
କେଉଁ ଦୋଷକଲି କାହିଁର ନ କହି ନ ଥାଇଦ କିମ୍ପା କଲ ।
ସହସ୍ର ବରଷ ରଜନୀ ଦିବସେ ସୂର୍ଯ୍ୟକୁ କରଇ ଖେଦ ।
ଅନେକ ଜନ୍ମେ ମୁଁ ତୁମ୍ଭ ପାଇବ ସେବା ଲଭି ଅଛୁ ଉଦ୍ଧ ପଦ ।
କୋଟି୨ ଯଜ୍ଞ କୋଟି୨ ତପ ଧର୍ମ ବାସନାକୁ ଗଲ ।
ବନ ହୋଇ ପୁଣି ଷଷ୍ଠିଯୁଗଯାଏ ମନ୍ତ୍ର ଉଚ୍ଚାରଣ କଲି ।
ତାହା ଅନ୍ତେ ପୁଣି ମନେ୨ ଗୁଣି ଅନୁଭବ ହୁଏ ଦୋଷ ।
ପଞ୍ଚଦଶ ଜନ୍ମ ପୁଣି ମୁଁ ପାଇଲି ବ୍ରହ୍ମଙ୍କ ଉପଦେଶ
ସହସ୍ର ବରଷ ଅନ୍ନକୁ ନ ଛୁଇଁ ପବନ ଆହାର କଲି ।
ଲହାରଣା ଖାଇ ଅଷ୍ଟମ ବରଷ ଅଗ୍ନିରେ କାୟା ଦହିଲି ।
ତେତେବେଳେ ମୋତେ ପ୍ରସନ୍ନ ହୋଇଲ ମହାଘୋର ତପ ଦେଖି
ସୁରପତିପଣେ ବର ଯାଚି ଦେଲ ଅଠର ଯୁଗକୁ ଲେଖି ।
ଷଣ୍ମୁଖ ଅଙ୍କରେ ବେଦଯୁଗଯାଏ ସର୍ବଶୂନ୍ୟେ ଉଦ୍ଧ ହେଲ ।
ଏ ଅବା ତୁମ୍ଭଙ୍କୁ କେଉଁ ସେବା କଲେ ମୁହିଁ କି ସେବା ନ କଲି ।
ପ୍ରଭୁ କହିଲେ ମୋ ନାମ ପୂର୍ଣ୍ଣାନନ୍ଦ ଘଟେ ଘଟେ ଅଛୁ ପୂରି ।
କାଠ ହୋଇ ଯେବେ ସେ ନାମ ଧରିବ ତାହାକୁ ପ୍ରସନ୍ନ ହେବି ।
ନିର୍ମଳ ମନରେ ଇନ୍ଦ୍ରିୟ ନିରୋଧ କରୁଥାଅ ସଦା ସେବା ।
କିଛି କାଳାନ୍ତରେ ଭକ୍ତିଭାବ ଦେଖି ଉଦ୍ଧ ପଦ ତୁମ୍ଭ ଦେବା ॥
ଉଦ୍ଧ କହିଲେ ମୁଁ ଏତେ ତପ କରି ଅଗତିକି କିପାଁ ଯିବି ।
ସତ୍ୟ ହୋଇ କିପାଁ ନିର୍ଗଳ ହୋଇବ ଯୁକ୍ତିରେ ପଡ଼ିଛି ମନ୍ଦ ।
ଏ ଯେବେ ସ୍ୱର୍ଗରେ ସୁରପତି ହେବ ସଂଗ୍ରାମ କରୁ ମୋ ତୁଲେ ।
କ୍ଷଣକେ ଜିଣିଣ ଯେବେ ମୋତେ ପାରେ ଉଦ୍ଧ ପଦ ନେଉ ତେବେ
ଏମନ୍ତ ଶୁଣନ୍ତେ ଶଙ୍ଖଧର ନେଇ ନାରଦ ହସ୍ତେ ଧଇଲେ ।

ପ୍ରଭୁଙ୍କ ସମ୍ମୁଖରେ ପ୍ରହ୍ଲାଦଙ୍କାରକୁ ଶଚୀନାଥ କୋପ କଲେ ।୩୦୦।
ଦେବତାଙ୍କୁ ଗର୍ଜି ଶ୍ରୀବୃଷ୍ଟ କହିଲେ ମନ୍ଦ ଛାଡ଼ ତୁମ୍ଭେ ଶଙ୍କା ।
ଏକମୁଖ ହୋଇ ଇନ୍ଦ୍ରଦେବତାକୁ ଗଉଡ଼ମ ନ ହାରୁକା ।
ପ୍ରଭୁଙ୍କର ବାଣୀ ଦେବତା ଏ ଶୁଣି କୋପ କଲେ ଅଲ୍ପ ପାଇ ।
ଅନ୍ତଃପୁରେ ଇନ୍ଦ୍ର ପ୍ରବେଶ ହୋଇଣ ଶଚୀଙ୍କୁ କହିଲେ ଯାଇଁ ।
ହେ ସୁର ସୁନ୍ଦରୀ ସାବଧାନ ହୋଇ ଅମ୍ଭର କଥାକୁ ଶୁଣ ।
ଯଥୋଚିତ୍ ତୁମ୍ଭ ଆଗେ ମୁଁ କହିବି ପ୍ରଭୁଙ୍କର ଯେଉଁ ଗୁଣ ॥
ନୃଅଇନ୍ଦ୍ର କହି ମୋତେ କାଢ଼ି ଦେଲେ ତୁମ୍ଭଙ୍କୁ କରିବେ ନାଶ ।
ମୋରପାଶେ ଯେବେ କାର୍ଯ୍ୟଅଛୁ ତୋର ପଳାଇଯିବା ଗୋ ଆସ
ଶଚୀଦେବୀ ଶୁଣି ମନେ ମନେ ଗୁଣି କହିଲେ ହୋଇ ହରଷ ।
ତୁମ୍ଭସମ କୋଟି ବଜ୍ରଧର ଗଲେ ଅମୃଖ ହୋଇବ କିସ ॥
ଏତାର ନିଧର ଥିବେ ଯେବେ ମୋର କାହାକୁହିଁ ଭୟ ନାହିଁ ।
ଲକ୍ଷେ ଲକ୍ଷେ ଇନ୍ଦ୍ର ଏହି ପରି ଗଲେ ନବଯୁବତୀ ମୁଁ ଥାଇ ।
ଏହିରୂପେ କଲେ ଅମରମଣ୍ଡଳେ ନାନ୍ଦ୍ୟପୁଣ ଅବତାରେ ।
ମୁଁ ଥିଲି ଅଠାଶୀ-ଲକ୍ଷ ଇନ୍ଦ୍ରଗଲେ ପଞ୍ଚାଶ ଯୁଗ ଉତରେ ॥
କେବେହେଁ ମୋହର ନବଯଉବନ ଯୋଗେ ନ ଟଳିଲା ଭଲେ ।
ତାର ପ୍ରାପ୍ତ ମୋତେ ଏ କଥା ଲଗୁଛି କେତେ ସୁରପତି ଗଲେ ॥
ଶଚୀଙ୍କର ବାଣୀ ଇନ୍ଦ୍ରଦେବ ଶୁଣ ଲଜ୍ଜିତ ହୋଇ ଅସିଲେ ।
ପ୍ରଭୁଙ୍କ ବଚନ ସ୍ୱର୍ଗରେ ନ ରହି କ୍ଷୁମ୍ନବନେ ଲଭିଲେ ॥
ଏଥିଅନନ୍ତରେ ସୁଧର୍ମା ସଭରେ ପ୍ରହ୍ଲାଦଙ୍କ ଇନ୍ଦ୍ରପଣ ।
ଶ୍ରୀନନ୍ଦକୃଷ୍ଣଦାସ ସେ ପାଦେ ଶରଣ ସାଧୁଜନମାନେ ଶୁଣ ॥

ପ୍ରଥମଛନ୍ଦ ସମାପ୍ତ ।

ଦ୍ୱିତୀୟ ଛାନ୍ଦ ।

ଅପଣେ ଶ୍ରୀହରି ଭକ୍ତ ନାମ ଧରି ଇନ୍ଦ୍ରପଦେ ସାଢ଼ି ଦେଇ ।
ଦେବତା ଭକ୍ତିଙ୍କୁ ସମର୍ପି ଦେଇଣ ଅନ୍ତର୍ଦ୍ଧ୍ୟାନ ଗଲେ ହୋଇ ॥

ତଦନ୍ତରେ ସର ତ୍ରୁଷ୍ଣାଦକୁମର ସ୍ୱର୍ଗ ସମ୍ପଦକୁ ଭଜି ।
ଶଚୀଙ୍କ ସେଭିଣ ଅଭିଷେକ ହେଲେ ଅମର ଅସ୍ଥାନେ ବସି ॥
ଯଥାବଧିକର୍ମ ଧର୍ମ ଆଚରିଣ ମହାଯୋଗେ ଇନ୍ଦ୍ରପଣେ ।
ପୂର୍ବଭବାସନା ବଳେ ଭୋଗକଲେ ଶ୍ରୀକୃଷ୍ଣଙ୍କ ସେବାଗୁଣେ ॥
ଏଥିଅନନ୍ତରେ ସୁରପତି ପୁରେ ପ୍ରଭୁ ଦିନେ ବିଜେକଲେ ।
ପଶା ଖେଳୁଛନ୍ତି ଶ୍ରୀକୃଷ୍ଣ ଦେଖିଲେ ତ୍ରୁଷ୍ଣାଦ ଶଚୀଙ୍କ ତୁଲେ ॥
ଛମୁରେ ଗନ୍ଧର୍ବ ଗାଉଛନ୍ତି ସର୍ବ ନୃତ୍ୟରସେ ଗୀତଗାଇ ।
ମହର୍ଷି ନାରଦ ବୀଣାଯନ୍ତ୍ର ଧରି ନାଚନ୍ତି ଆନନ୍ଦ ହୋଇ ॥
ରମ୍ଭା ମେନକାଦି ରମଣୀ ନାଚନ୍ତି ତାଣ୍ଡବ ନୃତ୍ୟରେ ଖଟି ।
ଝଞ୍ଜାଳ କଂସାଳ ବାଜୁଅଛି ତାଳ ନାଚନ୍ତି ଅପସରା ନଟୀ ॥
ଏମନ୍ତ ସମୟେ ଦେବତାଙ୍କ ଘଳ ପ୍ରବେଶ ହୋଇଲେ ଯାଇଁ ।
ଦେଖିଣ ସମସ୍ତେ ଶିରେ କରଯୋଡ଼ି ଗୋବିନ୍ଦ ମୁଖକୁ ଚାହିଁ ॥
କୁମର ପ୍ରହ୍ଲାଦ ପାଇ ଇନ୍ଦ୍ରପଦ ପଶାଦେଲେ ଅଛି ମନ ।
ଶଚୀ ସହି ତଳେ ପଶା ଖେଳୁଛନ୍ତି ପ୍ରଭୁଙ୍କୁ ନାହିଁ ଚେତନା ॥
ଦେଖି ଚକ୍ରପାଣି ମନେ ମନେ ଗୁଣି କହୁଛନ୍ତି ମହାବାହୁ ।
ମୋହର ଭକତ ମତେ ନ ଛାଡ଼ିଲେ ତାହାକୁ କହିବ ଅଭ ॥
ମନରେ ଶ୍ରୀକୃଷ୍ଣ ଏମନ୍ତ ଭାଳିଣ ନାରଦଙ୍କୁ ଡାକି ପାଶ ।
ତୁମ୍ଭଆଗେ ଅମ୍ଭେ କଥାଏ କହିବା ଶୁଣ ହେ ବ୍ରହ୍ମାଙ୍କ ଶିଷ । ୧୦ ।
ଅମ୍ଭ ଆଜ୍ଞା ନେଇ ତ୍ରୁଷ୍ଣାଦଙ୍କଠାରେ ଶୀଘ୍ର ଜଣାଇବ ଯାଇଁ ।
ସମ୍ପଦପଟଳ ରଙ୍ଗରେ ପଡ଼ିଲା ଅମ୍ଭଠାରେ ଲକ୍ଷ୍ୟ ନାହିଁ ॥
ଶ୍ରମକରି ଅମ୍ଭୁଁ ଆସନ ନ ଦେଲେ ମନରେ ହେଲା ବିଷାଦ ।
ପ୍ରଥରେ ପର୍ଯ୍ୟନ୍ତ ଠିଆହେଲୁଁ ଅମ୍ଭେ ବନ୍ଦିଥାଉଲା ପଦ୍ମପାଦ ॥
ତୁମ୍ଭେ ଅମ୍ଭ ଭକ୍ତ ତୁମ୍ଭେ ପ୍ରାଣହିତ ତାହାକୁ ବୋଲିବା ବଶ ।
ଏମନ୍ତ ବୋଲିଣ ଅମରକେଳିକୁଶେ ବିଜେକଲେ ପୀତବାସ ।
ମହର୍ଷି ନାରଦ ପ୍ରଭୁ ବାଣୀ ଶୁଣି ଇନ୍ଦ୍ରଙ୍କୁ କହିଲେ ଯାଇଁ ।
ଇନ୍ଦ୍ର ସମ୍ପଦରେ ମୋହିତ ହୋଇଣ ପ୍ରଭୁଙ୍କୁ ଭଜିଲେ ନାହିଁ ॥
ପଥରେ ପର୍ଯ୍ୟନ୍ତ ପ୍ରଭୁ ଠିଆହେଲେ ଯଦୁପତି ବଳି କାନ୍ଥା ।

ଯିବାବେଳେ ମୋତେ ପାଖକୁ ଡକାଇ କହିଲେ ସକଳ କଥା ।
ନାରଦଙ୍କ ବାଣୀ ସୁରପତି ଶୁଣି ମନେ ମନେ ହେଲେ ଲାଜ ।
ଓଷ୍ଠ କଣ୍ଠ ଜିହ୍ୱା ସମସ୍ତ ଶୁଖନ୍ତେ ମୁଖରେ ପଡ଼ିଲା କାଳୀ ।
ଶ୍ରବଣଦେଶକୁ ପ୍ରହ୍ଲାଦ ଚୁଇଁଣ ସ୍ତବ୍ଧ ହୋଇ ରହିଲେ ।
ଶ୍ରୀକୃଷ୍ଣଙ୍କଠାରେ ଅପରାଧ କଲି ଧାତା ମୋତେ ବାମ ହେଲେ ।
ଧିକ ମୋ ଜୀବନ ନବଯଉବନ ପିତାମାତା ପଞ୍ଚପ୍ରାଣ ।
ପୋଡ଼ୁ ଇନ୍ଦ୍ରପଦ ପୋଡ଼ୁ ମୋ ସମ୍ପଦ ପୋଡ଼ୁ ମୋ ରତନପଣ ।
ଇନ୍ଦ୍ରପଦକୁ ମୁଁ ଲାଜନ ନୋହିଲି ଥାଉ ଦମ୍ଭା ସ୍ୱର୍ଗେ ଥିବ ।
ପ୍ରଭୁଙ୍କ ପାଦରେ ଅପରାଧ କଲି ଦେଶାନ୍ତର ହୋଇଯିବି ।
ଏମନ୍ତ କହିଣ ଇନ୍ଦ୍ର ପ୍ରହ୍ଲାଦ ଛାଡ଼ିଲେ ସ୍ୱର୍ଗର ଆଶ ।
ଜଟା ଜଉସୂତ୍ର ବଳ୍କଳଭୂଷଣ ଧଇଲେ ସନ୍ନ୍ୟାସୀ ବେଶ । ୨୦ ।
ବସ୍ତ୍ର ସୁବର୍ଣ୍ଣକୁ କାଖରେ ଯାକିଣ ତ୍ରିଦଣ୍ଡ ଧରିଣ କରେ ।
ତୁଳସୀମାଳାକୁ ହୃଦରେ ବନ୍ଧିଲେ ବାନ୍ଧିଲେ ଜଟା ଶିରରେ ॥
ଯତିବେଶ ଧରି ହୃଦରେ ଦର୍ଶିବ ସେଠାରୁ କଲେ ଗମନ ।
ଏମନ୍ତ ଦେବତା କେଉଁଠାରେ ଛନ୍ତି ଦୁଃଖୀଲୋକଙ୍କର ଧନ ॥
ଭକ୍ତଙ୍କ ଜୀବନ ଯଶୋଦାନନ୍ଦ ସେ ଯେବେ ହେଲେଣି ରୁଷ୍ଟ ।
ତାହାଙ୍କ ପାଖରେ ସେବାକଲେ ସିନା ଖଣ୍ଡିବେ ମୋହର ଦୋଷ ॥
ଏମନ୍ତ ବୋଲିଣ ଇନ୍ଦ୍ର ପ୍ରହ୍ଲାଦ ଆପଣା ହୃଦେ ଭାଳିଲେ ।
ଶ୍ରୀକୃଷ୍ଣଙ୍କ ନାମ ଅନ୍ତର୍ଗତେ ଧରି ବୈକୁଣ୍ଠେ ପ୍ରବେଶ ହେଲେ ।
ଦେଖି ଭାଇ ଜୟ ବିଜୟ ବୋଲିଣ ବୈକୁଣ୍ଠରେ ଦ୍ୱାରପାଳ ।
ତାହାଙ୍କ ଆଗରେ ପହୁଞ୍ଚିଲେ ଯାଇ ହିରଣ୍ୟରଜା ତୁଲ୍ଲ । ୨୫ ।
ଦ୍ୱାରୀଙ୍କ ଦୃଷ୍ଟିଁଣ କହିଲେ ବଇନ ତୁମ୍ଭେ ଯାଅ ଶୀଘ୍ର ହୋଇ ।
ଅଛିତୁ ଗୋଷ୍ଠୀଏ ଉଦାସି ପୁରୁଷ ପ୍ରଭୁଠାରେ କହ ଯାଇଁ ।
ପ୍ରହ୍ଲାଦଙ୍କବାଣୀ ଦ୍ୱାରପାଳ ଶୁଣି କହିଲେ ଶୁଣ ଗୋସାଇଁ ।
ତୁମ୍ଭର ବିଭାଷା ଅମ୍ଭେତ ନ ଜାଣୁ କି ବୋଲି କହିବୁଁ ଯାଇଁ ॥
ଅମ୍ଭକଥା ଶୁଣି ପ୍ରଭୁରହିପାରି ନ ଜାଣି କରିବେ କୋପ ।
ତେତେବେଳେ ଅମ୍ଭେ ଅନାଥ ହୋଇବୁଁ ତୁମ୍ଭଙ୍କୁ ଲାଗିବ ପାପ ॥

ଦ୍ୱାସ୍ଥଙ୍କବଚନେ ଇନ୍ଦ୍ର ପ୍ରହ୍ଲାଦଲେଖନ ପତ୍ର ଧଇଲେ ।
ଶ୍ରୀକୃଷ୍ଣଙ୍କଠାରେ ବିନୟ କରିଣ ଗୋଟିଏ ସ୍ତବ ରଚିଲେ ।
ଜୟ ଜୟ ଜୟ କମଳାରମଣ ସକଳ ସୃଷ୍ଟିଧାରଣ ।
ନାଭିରୁ ବିରଞ୍ଚି ଜନମ ହୋଇଣ ଅନ୍ତ ନପାଇଲେ ଜାଣ ॥
ଘନଶ୍ୟାମମୂର୍ତ୍ତି ଲକ୍ଷ୍ମୀଦେବୀପତି ଆର୍ତ୍ତଭଞ୍ଜନ ନାଥ ।
ପାଦରୁ ଜନମ ଗଙ୍ଗା ହୋଇଛନ୍ତି ଭବ ଭୟ ନେହିଁ ଜାତ ।
କଣ୍ଠରୁ ହେଲେ ସରସ୍ୱତୀ ଜନ୍ମ ଧୈର୍ଯ୍ୟରୁ ମନ୍ମଥ ଜାତ ।
ତେଜରୁ ଅନଳ ଶ୍ୱାସରୁ ବରୁଣ ଏମାନେ ହୁଅନ୍ତି ଜାତ ।
ଦୁଃଖିଲୋକଧନ ଜଗତ ଜୀବନ ଆରତଭଞ୍ଜନ ବାନା ।
ଜଗତଜନଙ୍କ ଉଦ୍ଧାରଣ ନାଥ ଅନାଥର ବନ୍ଧୁ ସେନା ।
ହରବ୍ରହ୍ମା ଯାର ଚରଣେ ଚିନ୍ତର ନପାଅନ୍ତି ଅନ୍ତ ଲେଶ ।
ମୁଁ ଛାର ପାମର ହୀନ ମୂଢ଼ମତି ମହିମା କହିବ କିସ ॥
ଜୟ ଜୟ ଜୟ ପରମଈଶ୍ୱର ଦେବତାମାନଙ୍କ ରାଜ ।
ଦନୁଜଙ୍କୁ କେଳା ଶ୍ୱେତପଦ୍ମତୋଳା ମହାବାହୁ ଚତୁର୍ଭୁଜ ।
କର ଆର୍ତ୍ତତ୍ରାଣ ଦୁଃଖ ନିବାରଣ ତୁମ୍ଭେ ଅଟ ମୋ ଶରଣ ।
ଆଜ୍ଞା ହେଲେ ମୁହିଁ ଦର୍ଶନ କରିବି ଅଭୟ ପଦ୍ମଚରଣ ॥
ଏମନ୍ତେ ସ୍ତୁତିରୁ ରଚନା କରିଣ ଦବନ୍ଧପାଳୀରେ ଲେଖିଲେ ।
ପ୍ରହ୍ଲାଦ କୋଟିଏ ନମସ୍କାର କରି ଦ୍ୱାରୀହାତେ ଲେଖା ଦେଲେ ॥
ଅନେକ ପ୍ରକାରେ ବିନୟୀ ହୋଇଣ କହିଲେ କରୁଣ ଭାବେ ।
ପ୍ରଭୁଙ୍କ ପାଖରୁ ସ୍ତବ ଲେଖି ଦେଇ ରହିଲେ ଆପଣା ଠାବେ ॥
ରତ୍ନପଲଙ୍କରେ ବିଜେ କରିଛନ୍ତି ସତ୍ୟଭାମା ସନ୍ନିଧାନ୍ତ ।
ଏମନ୍ତ ସମୟେ ପତ୍ର ନେଇ ଗଲା ବିଜୟ ନାମରେ ଦ୍ୱାସ୍ଥ ।
ପ୍ରଭୁଙ୍କୁ ଚାହିଁଣ କରକୁ ଯୋଡ଼ିଣ ଭୂମିଷ୍ଠ ପ୍ରଣାମ କରି ।
ଆପଣଠାରୁ ଉଦାହି ସୁଭକ୍ତଙ୍କ ପତ୍ର ଦେଇଛନ୍ତି ହରି ।
ଶୁଣିଣ ଶ୍ରୀହରି କରେ ପତ୍ର ଧରି ଶୀଘ୍ରେ ଶୀଘ୍ରେ ପଢ଼ିଗଲେ ।
ସ୍ତବକୁ ପଢ଼ିଣ ପ୍ରହ୍ଲାଦ ଅଛିଛୁ ମନେ ମନେ ଭୀତ ହେଲେ ॥
ସତ୍ୟଭାମା ମୁଖ ଚାହିଁ ପଦ୍ମମୁଖ ଆଖିଦେଲେ ନାରାୟଣ ।

ସୁବର୍ଣ୍ଣ ଝଞ୍ଜରେ ନୀର ଦେଇ ଗ୍ଲଜ ଧୋଇବା ଭକ୍ତ ଚରଣ ॥
ଶୁଣି ଠାକୁରାଣୀ ଗଙ୍ଗା ଜଳ ଆଣି କନକ ପାତ୍ରରେ ଭରି ।
ପ୍ରହଲ୍ଲାଦ ପାଦକୁ ଧୋଇବା ଅନନ୍ତେ ଭଜନ କଲେ କୃଷ୍ଣ ନାଥ ॥
ଅନ୍ତେ ମହାପ୍ରଭୁ ପଛେ ସଙ୍ଗ୍ରମା ପ୍ରବେଶିଲେ ସିଂହଦ୍ୱାରେ ।
ଦେଖି ପ୍ରହଲାଦ ପାଦପଦ୍ମ ଧରି ପ୍ରଣାମ କଲେ ଭୂମିରେ । ୩୫ ।
ଶ୍ରୀକୃଷ୍ଣ କହିଲେ ଉଠ ଉଠ ଭକ୍ତ କେତେ କରୁଥାଅ ଶୋକ ।
ଇନ୍ଦ୍ର ସମ୍ପତ୍ତିରୁ ବଳି କରିଦେବା ଯାହା ଇଚ୍ଛ ତାହା ମାଗ ॥
ପ୍ରଭୁଙ୍କ ବଚନେ ପ୍ରହ୍ଲାଦ କହିଲେ କି ବରମାଗିବି ମୁହିଁ ।
ଭକ୍ତିକୁ ସମ୍ପଦ ପ୍ରଭୋ ଅଛି କୋଟି ବରଦେଅ ମୋତେ ଏହି ।
ଇନ୍ଦ୍ର ସମ୍ପଦରେ ମୋହିତ ହୋଇଣ ତୁମ୍ଭଙ୍କୁ ଭଜିବି ନାହିଁ ।
ଦୁର୍ଲଭ ଭକ୍ତିକୁ ପ୍ରାର୍ଥନା କରୁଛି ଶୁଣହେ କମଳାସାଇଁ ॥
ଯେତେକ ଭକତ ଶ୍ରୀଚରଣେ ସ୍ଥିତ ସମସ୍ତେ ହୋଇବେ ଦୁଃଖୀ ।
ତୁମ୍ଭ ନାମ ମୋତେ ସମ୍ପଦ ହୋଇଛି ସେଥି ହେଉଥିବି ସୁଖୀ ॥
ଜଣପ୍ରତି ଚେତଣ ତୁମ୍ଭଙ୍କୁ ଭଜିଲେ ଜନମ ସଫଳ ହେବ ।
ତେବେତ ଭକତେ ନିସ୍ତାର ପାଇବେ ତୁମ୍ଭଙ୍କ ଛଡ଼ା ନୋହିବ ॥
ପ୍ରହଲାଦଙ୍କବାଣୀ ଶୁଣି ଇନ୍ଦିପାଣି ବାକ୍ୟ କହନ୍ତି ସଧୀରେ ।
ଅନ୍ୟକିଛି ମୋତେ ପ୍ରକାଶ ନ କରି ମାଗିଲ କିମ୍ପା ଏ ବରେ ।
ଏମନ୍ତ କିମ୍ପାର କହିବାର ଥାଉ ଭକ୍ତଙ୍କୁ ନୋହିଲା ସୁଖ ।
ମୋତେ ଅଣ୍ଡାକର ଏ ମୋର ଭକତ କେମନ୍ତେ ଲଭିବ ଦୁଃଖ ॥
ପ୍ରଭୁଙ୍କ ବଚନେ ପ୍ରହ୍ଲାଦ କହିଲେ ଶୁଣିମା ହେଉ ଗୋସାଇଁ ।
ପୁଣ୍ୟପନ୍ଥଉପ୍ର ସୁପଥ ଲଭିବା ସୁଖଅଛି ଅନେକ କାହିଁ ॥
ସମସ୍ତ ଭକତ ହୋଇବେ ମୁକତ ଅଛି ହେଉ ଦୃଷ୍ଟିଦେଶ ।
ମୋହର ମାଗୁଣି ତୁମ୍ଭଙ୍କୁ ଏତେକ ଅଧିକ କହିବା କିସ ।
ପ୍ରହଲ୍ଲାଦଙ୍କ ବାଣୀ ଶୁଣି ଇନ୍ଦିପାଣି ହୃଦକୁ ଛୁଇଁଲେ ବ୍ୟଥା ।
ଉଦ୍ଧବ କହିଲେ ଶୁଣ ଗୋପନାରୀ ଭକ୍ତଙ୍କ ମୁକତି କଥା ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ କହିଲ ଯେଉଁ ବଚନ ।
ଅମ୍ଭେମାନେ ଶୁଣି କରୁଣ ମଣିଲୁଁ ପ୍ରଭୁଙ୍କ ଏମନ୍ତ ଗୁଣ ॥

ପ୍ରହ୍ଲାଦ ବାଳକୁ ଯେତେବେଳେ ଥିଲା ହିରଣ୍ୟ ଦୈତ୍ୟ ଆକର୍ଷି ।
ତାହାଂପାଇଁ ପ୍ରଭୁ ପ୍ରକାଶ ହୋଇଲେ ସ୍ତମ୍ଭ ମଧ୍ୟରେତ ଆସି ॥
ଭକ୍ତଙ୍କ ଉପରି ପଡ଼ିବା ମାତ୍ରକେ କାହିଁ ଥିଲେ ଚକ୍ରବାହା ।
ତେତେବେଳେ ତାଙ୍କ କେ ଯାଇଁ କହିଲା କେମନ୍ତେ ଜାଣିଲେ ତାହା ॥
ସେଥିପାଇଁ ଅମ୍ଭମାନଙ୍କ ମନରେ ବିଶ୍ୱାସତ ହେଉନାହିଁ ।
ଏହି କଥାମାନ ସନ୍ଦେହ ଲାଗୁଛି କହେସି ବୁଝ ଗୋସାଇଁ ।
ଉଦ୍ଧବ ବୋଇଲେ ନାମ ଭାବଗ୍ରାହୀ ଭକ୍ତଙ୍କ ମନରେ ଥିଲେ ।
ଭକ୍ତ ମନ ସ୍ତମ୍ଭେ ପ୍ରବେଶ ହୁଅନ୍ତେ ସ୍ତମ୍ଭେ ଯାଇଁ ଉଦେଭଲେ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ କଥଣ ଉପମା ଦେବା ।
ଏମନ୍ତ ପ୍ରଭୁଙ୍କୁ ମୂର୍ଖ ନ ଜାଣନ୍ତି ଅନ୍ୟଙ୍କୁ କରନ୍ତି ସେବା ॥
ଭକ୍ତଙ୍କର ଦୁଃଖ ଦେଖି ପଦ୍ମମୁଖ ବଡ଼ ଅନୁଗ୍ରହ କରି ।
ବିଷ୍ଣୁର ସେବାରେ ହିରଣ୍ୟ ପୁତ୍ରକୁ ଇନ୍ଦ୍ରପଦ ଦେଲେ ହରି ॥
ଉଦ୍ଧବ ବୋଇଲେ ତାହାଙ୍କ ମହିମା ନ ଜାଣ କି ତୁମ୍ଭେ ଗୋପୀ ।
ମନ ମଧ୍ୟେ ତାଙ୍କୁ ଭାବନା କରିଲେ ଦୁଃଖରୁ ତରନ୍ତି ପାପୀ ॥
ପ୍ରଭୁଙ୍କ ସେବକ ଅଟେ ବଡ଼ଲୋକ ତା ସମ ନାହିଁ ମହୀରେ ।
ହର ବ୍ରହ୍ମା ଇନ୍ଦ୍ର ପଦକୁ ଲଭଇ କ୍ଷଣକେ ତାଙ୍କ କୃପାରେ ।
ଭକ୍ତଙ୍କର ବଶ କୃପାମୟସିନ୍ଧୁ ହୃଦରେ ନ ଥାଏ ମାୟା ।
ଆପଣା ପଦକୁ ଭକ୍ତକୁ ଦିଅନ୍ତି ପ୍ରଭୁଙ୍କ ଏମନ୍ତ ଦୟା ॥
ଗୋପୀଏ ବୋଇଲେ କେମନ୍ତେ ଜାଣିବା ଅମ୍ଭମାନେ ସ୍ଥିର ନାହିଁ ।
ଆପଣା ପଦକୁ କେଉଁ ଭକତକୁ ଦେଇଛନ୍ତି ଭାବଗ୍ରାହୀ ॥
ଏ କଥା ଶୁଣିଣ ହରଷ ମଣିଣ ଭ୍ରମନ୍ତି ଅମ୍ଭେ ଭଲେ ।
ତୁମ୍ଭଠାରୁ ଯେବେ ସେ କଥା ଶୁଣିବୁଁ ତେବେତ ଯିବୁଁ ପରତେ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ଏ ମହା ଗୁପତ ପଦ ।
ଉତ୍ତମ କହିଣ ମନରେ ରଖିଲେ ନାଶଇ ଜନ୍ମର ଖେଦ ॥
ପାପକୁ ସେ ଘାଟ ବୈକୁଣ୍ଠକୁ ବାଟ ବିଷ୍ଣୁର ଭବ୍ୟ ଚରିତ ।
କହୁଅଛି ତାହା ତୁମ୍ଭ ଅଗ୍ରତରେ ଶୁଣିଲେ ହେବ ମୁକତ ॥
ସଙ୍କର୍ଷଣନାମେ ଏକଦ୍ୱିଜବର ମଲ୍ଲ ମଣ୍ଡଳରେ ଜାତ ।

ତସ୍କ ସେବା କରି ଯେ ପଦ ଲଭିଲେ ଶୁଣ ହେ ତାଙ୍କ ଚରିତ ॥
ତାହାଙ୍କ ମହିମ ଯେତେକ ବର୍ଣ୍ଣିବା କହିଲେ ନ ସରେ ଜାଣ ।
ଜନ୍ମିବାମାତ୍ରକେ ମାତାପିତା ମଲେ ଏମନ୍ତ ପାପୀ ବ୍ରାହ୍ମଣ ।
ସେ ଜନ୍ମ କାଳକୁ ଭିକ୍ଷାକରି ବଞ୍ଚେ ସମସ୍ତେ କରନ୍ତି ସ୍ନେହ ।
ପଡଶନ ଦ୍ୱିଜ ଉପମୂର୍ତ୍ତି ଧରି ବର୍ଜିତ ହୋଇଲା ଦେହ ॥
ଏହାପରେ କିଛି ଜନଗତ ହୋଇ କ୍ରମାନୁଦିନ ବଢ଼ିଲେ ।
ବଡ଼ଦୁଷ୍ଟଅଟେ ତାହାର ସ୍ୱଭାବ କିଛିବିଦ୍ୟା ନ ପଢ଼ିଲେ ।
ସମସ୍ତଙ୍କ ସଙ୍ଗେ କଳହ ଅନ୍ୟକ୍ ପାପକ୍ ନ ଥାଇ ଭୀତ ।
ମିଛମାୟା ଯେତେ ପ୍ରପଞ୍ଚ କରଇ କହିବା କେତେକ ଅନୀତ ।
ପଞ୍ଚ ପ୍ରାପ୍ତ ହୋଇ ବୁଲେ ଏଣେ ତେଣେ ସମସ୍ତ କରେ ଶୋଷଣ ।
ଅଭ୍ୟାଗତ ହୋଇ ଭିକପତ୍ରି ନାହିଁ ପରସ୍ତ୍ରୀକରେ ରମଣ ॥
ଧୂଜଣକ୍ ଭକ୍ତ ଦେବତା ନମନେ ନାସ୍ତିକ ଅଟେ ବ୍ରାହ୍ମଣ ।
ମହା ପାପୀ ହୋଇ ଇରମ କାଳକୁ ବେଶ୍ୟାଘରେ ଗଲା ପ୍ରାଣ ॥
ସେହି ବେଶ୍ୟାନାରୀ ପରମ ସୁନ୍ଦରୀ କୃଷ୍ଣ ଠାରେ ବଡ଼ ଭକ୍ତି ।
ପ୍ରଭୁଙ୍କର ପାଦେ ମନଲୀନ ଦେଇ ଜପ ଧ୍ୟାନ କରେ ଭକ୍ତ ।
ଗଣିକା ଦେଖିଣ ମନେ କରୁଣରେ କି ବୁଦ୍ଧି କରିବ ଆଜ୍ଞ ।
ମୋର ଲାଗି ବିପ୍ର ପ୍ରାଣ ତ୍ୟଜିଲା ମୋ ଦେଇ ଗଲେ ସେ ଯାଉ ।
ମହଲା ଗଣିକା ଏମନ୍ତ ଭାବିଣ ଭକତ ଘୋଷଣା କରେ ।
ଶ୍ରୀକୃଷ୍ଣ ମନ୍ଦିର ନାମରେ ଭକତ ବାନ୍ଧିଲା ବ୍ରାହ୍ମଣ ଶିରେ ॥
ସ୍ୱଭାବରେ ଦ୍ୱିଜ ହେଲା ମହାପାପ ବେଶ୍ୟାଗୃହେ ଗଲା ନାଶ ।
ମହା ପାପୀ ବିପ୍ର ଯମଦୂତେ ଜାଣି କରେ ଘେନିଛନ୍ତି ପାଶ ॥
କେହି ବୋଲୁଛନ୍ତି ବ୍ରାହ୍ମଣଙ୍କୁ ଧରି କଣ୍ଠରେ ହାଥ ଦଉଡ଼ି ॥
କେହି କହୁଛନ୍ତି ବୃକ୍ଷମୂଳେ ବାନ୍ଧି ପିଟିବା ଲୁହାର ବାଡ଼ି ॥
କେହି ବୋଲୁଛନ୍ତି କେଶରେ ଧରି ଅଗ୍ନି ପଥେ ଘୋଷାଡ଼ୁଥ ।
କେହି କହୁଛନ୍ତି ବିପ୍ରା ବୈତରଣୀ ନଦୀରେ ନେଇ ବୁଡ଼ାଅ ।
ଏମନ୍ତ ବୋଲିଣ ଯେ ଯାହାନ୍ ମତେ ପ୍ରତିଜ୍ଞା କରନ୍ତି ଦୂତେ ।
ଶ୍ରୀକୃଷ୍ଣ ମନ୍ଦିର ଭକତ ଦେଖିଣ ଭୟକଲେ ତାଙ୍କ ହାତେ ॥

ଯେତେବେଳେ ବେଶ୍ୟା ଦ୍ୱିଜବର ଶିରେ ଝଲକ କାଟିଲା ଅସି ।
ବିଷ୍ଣୁ ଦୂତମାନେ ବ୍ରାହ୍ମଣକୁ ଆସି ଅକର୍ଷିଲେ ସେହିକ୍ଷଣି ।
ଯମର ଦୂତଙ୍କୁ ଦେଖିଣ କହିଲେ ଶ୍ରୀକୃଷ୍ଣଙ୍କ ଦୂତ ଯାଇଁ ।
ଆମ୍ଭର ସେବକ ନେବାକୁ ଆସିଛ ତୁମ୍ଭେମାନେ କାହିଁପାଇଁ ॥
ବୈଷ୍ଣବ ଲକ୍ଷଣ ପ୍ରତ୍ୟକ୍ଷେ ଦେଖୁଛ ଆମ୍ଭ ପ୍ରଭୁଙ୍କର ଦାସ ।
ଏହାକୁ କେମନ୍ତେ ନେବ ପାଇଁ ତୁମ୍ଭେ କରେ ଘେନିଅଛ ପାଶ ॥
ଉର୍ଦ୍ଧ୍ୱ ଅଟଇ ସେହି ଜନ୍ମୁଧ୍ୱଜା ନାହିଁ କି ପ୍ରତଜ୍ଞା ଶୁଣି ।
ଆମ୍ଭ କର୍ତ୍ତାଠାରୁ ତୁମ୍ଭଙ୍କ ପେଶିଛୁ ଉଧନ ହୋଇବ ଧ୍ୱଣି ।
ତୁମ୍ଭମାନଙ୍କର ଏତେକ ଦରଶା ନାବକୁ ହୋଇଛୁ ସଜ ।
ବେତ୍ରଯଷ୍ଟି ଖାଇ ସମସ୍ତେ ମରିବ ନ ଗଲେ ଏଠାରୁ ଆଜ ।
ଦୂତଙ୍କର ବାଣୀ ତାଙ୍କଠାରୁ ଶୁଣି ବୋଇଲେ ଯମରଦାସ ।
ପ୍ରଭୁ ଆଜ୍ଞାପାଇ ନେବାକୁ ଆସିଛୁ ଆମ୍ଭ ଅପରାଧ କିସ ॥
ବିଷ୍ଣୁ ଦୂତମାନେ ତୁମ୍ଭେ କି ନ ଜାଣ ଆମ୍ଭେ କହିବୁ କଥଣ ।
ଏହି ମହାପାପୀ ଅଟଇ ବ୍ରାହ୍ମଣ ବେଶ୍ୟାପଦରେ ଗଲା ପ୍ରାଣ ॥
ବିଷ୍ଣୁ ଦୂତ ବୋଲେ ଯେତେ ପାପଫଳ ସବଂ ହୋଇଅଛି କ୍ଷୟ ।
ଶ୍ରୀହରି ମନ୍ଦିର ଲଲାଟରେ ଦେଖି କହିଁାଇ ନ କଲ ଭୟ ।
ଯମଦୂତ ବୋଲେ ଗୁଣିମା ଗୋସାଇଁ ଆମ୍ଭେ ତାକୁ କିସ କରୁ ।
ସେ ତଡା ନ ଥିଲେ କିପାଁ ପଡିଥାନ୍ତା ତିଅଲୁଁ ବ ଲଧନ ॥
ବିପ୍ରକୁ ପାଶରେ ବନ୍ଧନ କରିଣ ଯାଅଲୁଁ ଶୀଘ୍ର ହୋଇ ।
ଅନେକ ପ୍ରକାରେ ଦଣ୍ଡିଅଲୁଁ ରାଜାଙ୍କ ଛାମୁରେ ନେଇ ।
ଏମନ୍ତ ବଚନ ବିଷ୍ଣୁ ଦୂତେ ଶୁଣି କହିଲେ ସମସ୍ତେ ଯାଅ ।
ଆମ୍ଭର ଭକ୍ତକୁ ଆମ୍ଭେ ନେଉଅଛୁଁ ତୁମ୍ଭ ରାଜା ଆଗେ କହ ॥
ତରସ ହୋଇଣ ଯମଦୂତଙ୍କୁ ବିଷ୍ଣୁ ଦୂତ ଆଜ୍ଞା ଦେଲେ ।
ପୁଷ୍ପରଥୋପରେ ବିପ୍ରକୁ ବସାଇ ବୈକୁଣ୍ଠ ପୁରକୁ ନେଲେ ॥
ପ୍ରଭୁଙ୍କ ସେବକ ଘେନି ବିଷ୍ଣୁ ଦୂତ ମିଳିଲେ ବୈକୁଣ୍ଠପୁରେ ।
ତହିଁ ଶବଦରେ ସେ ପୁର କମ୍ପିଲା ଶୁଣିଲା ବିପ୍ର କର୍ଣ୍ଣରେ ।
ତରସ ହୋଇଣ ଯମଦୂତେ ଯାଇ ଜଣାନ୍ତି ରାଜାଙ୍କ ପାଶ ।

ବୋଲନ୍ତି ହେ ପ୍ରଭୁ ଅଦ୍ୟ ରଜନୀରେ ପାପୀ ବିପ୍ର ଗଲା ନାଶ ।
ବାଇଚା ପାଠଣ ଆମ୍ଭେମାନେ ଯାଇଁ ଆକର୍ଷି ବସିଲୁ ଯେବେ ।
ବିଷ୍ଣୁ ଦୂତେ ଆସି ବଳେ ଘେନିଗଲେ କି ଆଜ୍ଞା ହୋଇବ ଏବେ ।
ଆପଣା ଦୂତଙ୍କ କହିଲେ ରାଜନ ଯେଉଁ ବିପ୍ର ଆଜ ମଲା ।
ଶିରଠାରୁ ଚାର ଚରଣ ପର୍ଯ୍ୟନ୍ତ ଶରୀରେ କି ଚିହ୍ନ ଥିଲା ।
ଦୂତେ କହୁଛନ୍ତି ଶୁଣ ହେ ରାଜନ ଆଉ ନ ଦେଖିଲୁ କିଛି ।
ଶ୍ରୀହରି ମନ୍ଦିର ନାମେ ଏକ ଛିଟା ଲଲାଟପଟ୍ଟରେ ଅଛି ।
ଯମ କହିଲେ କି ସେ ଛିଟା ନ ଥିଲେ ଅବଶ୍ୟ ଯୁକ୍ତି କରନ୍ତୁ ।
ଶ୍ରୀକୃଷ୍ଣଙ୍କଭକ୍ତ ଅଟନ୍ତି ସେମାନେ ନୋହିଲେ କି ନ ଆଣନ୍ତୁ ॥
ଶ୍ରୀହରି ମନ୍ଦିର ତୁଳସୀର ମାଳ ଯାହା ଶରୀରେ ପ୍ରମାଣ ।
ତାଙ୍କଠାରେ ତୁମ୍ଭ ଅଧିକାର ନାହିଁ ଆମ୍ଭଠାରୁ ତାହା ଶୁଣ ॥
ଆପଣା ଦୂତଙ୍କୁ ପ୍ରବୋଧିଣ ଯମ ଅନ୍ତଃପୁରେ ବିଜେ କଲେ ।
ବିପ୍ରଙ୍କୁ ଘେନିଣ ବିଷ୍ଣୁ ଦୂତେ ଏଣେ ପ୍ରଭୁଙ୍କ ଆଗେ ମିଳିଲେ ॥
ସମ୍ମୁଖରେ ଯାଇ ପ୍ରଣାମ କରିଣ ବୋଲନ୍ତି ଶୁଣ ଅଚ୍ୟୁତ ।
ଆମ୍ଭର ଭକ୍ତକୁ ନରକେ ନେବାପାଇଁ ଯମ ପେଶିଥିଲା ଦୂତ ॥
ବଡ଼ ଦୁଷ୍ଟମତି ଅଟେ ଜନ୍ମପତି ଏଡ଼େ ଭରଷା ତାହାର ।
ପାପପୁଣ୍ୟ କିଛି ବିଚାର ନ କରୁ ଭକ୍ତକୁ ନେଉଛି ଧରି ॥
ଚରଣରେ ବେଡ଼ି ପିଟି ଲୁହାବାଡ଼ି କେତେକ ଦୁଃଖ ଦଅନ୍ତା ।
ଅମ୍ଭେ ଯାଇ ବଳେ ଛଡ଼ାଇ ଆଣିଲୁ ନୋହିଲେ ନରକେ ନିଅନ୍ତା ॥
ଦୂତଙ୍କର ବାଣୀ ଶୁଣି ରତିପତି ଆଜ୍ଞା ଦେଲେ ଦାମୋଦର ।
କାହିଁ ଅଛି ବିପ୍ର ତାକୁ ଘେନିଆସ ଦେଖିବାକୁ ଇଚ୍ଛା ମୋର ॥
ପ୍ରଭୁଙ୍କର ବାଣୀ ଭକ୍ତମାନେ ଶୁଣି ବ୍ରାହ୍ମଣଠାରେ ମିଳିଲେ ।
କହିଲେ ତୋହର ପାପ ନାଶଗଲା ଲକ୍ଷ୍ମୀପତି ଦୟା କଲେ ।
ପୂର୍ବଂ ସବୁକର୍ମ ହେଲା ତୋର ନଷ୍ଟ ଫିଟିଲା କଷଣ ଭୋଗ ।
ଏବେ ତୋତେ ଭେଟେ ଆଜ୍ଞା ହୋଇଅଛି ଦର୍ଶନ କରିବୁ ବେଗ ॥
ଆସ ଆସ ବୋଲି ବିପ୍ର କରଧରି ସମ୍ମୁଖରେ କଲେ ସେ ନେଇ ।
ଦେଖିଣ ଗୋବିନ୍ଦ ମନରେ ଆନନ୍ଦ ହସିଲେ ବିପ୍ରଙ୍କୁ ଚାହିଁ ॥

ଶ୍ରୀକୃଷ୍ଣ କହିଲେ କଳଙ୍କଭଞ୍ଜନ ଅନ୍ୟଥା ସେହି ନୋହିଲା ।
ପୂର୍ବଜନ୍ମେ ତୁମ୍ଭେ ଅମ୍ଭର ଭକତ ଏମନ୍ତ ଶାପ ହୋଇଲା ॥
ମର୍ତ୍ତ୍ୟରେ ଥାଇଣ କଷ୍ଟଭୋଗ ପାଇ ମରଣ ହୋଇଲା ଯେଣୁ ।
ଲେଉଟି ପୂର୍ବର ବାସନା ଯେଉଣ ସ୍ୱର୍ଗକୁ ଆସିଲ ତେଣୁ ।
ଏମନ୍ତ ଭାଷିଣ ଯଶୋଦାନନ୍ଦନ ହସ୍ତ କରିଧରି ନେଲେ ।
ଆହ୍ଲାଦ କରିଣ ଜାନୁରେ ବସାଇ ବକ୍ତ୍ରମୁଖେ ଚୁମ୍ବଦେଲେ ।
ପ୍ରଭୁ ବୋଇଲେ ହେ ଶୁଣ ଦ୍ୱିଜମଣି ଅଣ୍ଡାକର ତୁମ୍ଭେ ସେବା ।
ସେବାରୁ ମୁକତି ଅତଜାତ ହେଲେ ଫଲଶ୍ରୁତି ତୋତେ ଦେବା ॥
ପ୍ରଭୁଙ୍କବଚନେ ଦ୍ୱିଜବର ବୋଲେ ଶୁଣ ତୁମ୍ଭେ ମହାବାହୁ ।
ମୁହର ପାମର କି ସେବା କରିବି ଶ୍ରୀମୁଖରେ ଆଜ୍ଞା ହେଉ ॥
ଶ୍ରୀକୃଷ୍ଣ କହିଲେ ଶୁଣ ଦ୍ୱିଜମଣି ବିଶେଷି କହିବି ମୁହିଁ ।
ଭୋଜନର ଶେଷେ ମୁଖବାସଦେବ ପୂର୍ବେ ସେହିଅଛୁ ତୁହି ।
ଅମ୍ଭର ଭକତ ଅମ୍ଭ ପ୍ରାଣହିତ ନୂତନ ସେବକ ନୋହୁ ।
ଗତଜନ୍ମେ ଅମ୍ଭ ପାଶେ ଷଟ୍ଠିଥିବୁ ଗଦାଧର ନାମହେଉ ॥
ପ୍ରଭୁଙ୍କର ବାଣୀ ଦ୍ୱିଜମଣି ଶୁଣି ମନରେ ଆନନ୍ଦ ହୋଇ ।
ହସ୍ତଦେଲ ବୋଲି ଠାକୁରଙ୍କପାଦେ ସେବାକଲା ଶୀଘ୍ର ଯାଇ ॥
ଦ୍ୱିଜ ଗଦାଧର ତାର ସେବା ଦେଖି ଆପଣେ କରୁଣାସିନ୍ଧୁ ।
ବେତ୍ରହସ୍ତ ଧରି ବୈଠଶାଳାଠାରୁ ବିଜେକଲେ ଦୀନବନ୍ଧୁ ।
ମୁକୁଟରେ ମଣି ଶିରେ ଶୋଭାକରି ମଧୁକର ଛନ୍ଦେ କେଶ ।
ସୁନ୍ଦରମୂରତି କୋଟିକାମଜ୍ୟୋତିଃ ଭୁବନମୋହନ ବେଶ ॥
ହୃଦରେ କମଳ ଅରବିନ୍ଦମାଳ ଲଲାଟେ କସ୍ତୁରୀ ରେଖା ।
ଶଙ୍ଖଚକ୍ରଥିବ ଏମାନଙ୍କୁ ଧରି ବ୍ରାହ୍ମଣଙ୍କୁ ଦେଲେ ଦେଖା ॥
ତାମ୍ବୁଲବଟିଆ ଧରିଅଛି ଦ୍ୱିଜ ସାନନ୍ଦରେ ଭୋଳ ହୋଇ ।
ମୁଖବାସବୋଲି ଭୁଲାହସ୍ତଦେଲା ପ୍ରଭୁଙ୍କ ମୁଖରେ ନେଇ ॥
ଦ୍ୱିଜ ଭକ୍ତି ଭୋଳ ଦେଖି ଅଦମ୍ଭୁଲ ଅଙ୍କଦେଲେ ଭଗବାନ ।
ହେ ଦ୍ୱିଜ ତୋତେ ମୁଁ ପ୍ରସନ୍ନ ହୋଇଲି ବରମାଗ ଏବେଯେତ ॥
ବ୍ରାହ୍ମଣ କହଇ ଶୁଣିମା ହେଉଛି ଅନ୍ତର୍ଯ୍ୟାମି ମହାବାହୁ ।

ଯାହା ମୁଁ ମାଗିବି ତାହା ଅଙ୍ଗୀକରିବ ନାହିଁ ନ କହିବ ଆଉ ।
ଏମନ୍ତବର ଯେ ଅଙ୍ଗୀକରିବ ମୋତେ ତୁମ୍ଭର ପ୍ରାପ୍ତେ ଫଳିବ ॥
ହରି, ବ୍ରହ୍ମା, ଇନ୍ଦ୍ର, ସ୍ଥାନକ ମୁଁ ଭ୍ରମି, ଅମର ପୁରେ ବସିବ ।
ଶ୍ରୀକୃଷ୍ଣ ବୋଇଲେ ଗୁଣସାଗରମଣି ତୁମ୍ଭେ ଯେତେ କର ସେବା ।
ତୁମ୍ଭସେବା ଦେଖି ପ୍ରସନ୍ନ ହୋଇଲୁ ଶଙ୍ଖ ଆଉ ଉଠଦେବା ।
ପରମଆହ୍ଲାଦରେ କହୁଛନ୍ତି କୃଷ୍ଣ ଯେଣୁ ତୁମ୍ଭେ ଭକ୍ତମୋର ।
ଛଳପଦତୋତେ ଯାହାକହ ଦେବୁଁ ଏଡ଼େବଡ଼ଭାଗ୍ୟ ତୋର ।
ହସ୍ତ ବୋଲ ଅଛୁ ସେହିରୂପଧର ଉଇଜଗତେ ବୁଲର ।
ତେବେ ଯେବେ ମୋତେ ଛଇ ନ ପାରିବେ ତେବେ ସେ ପ୍ରତ୍ୟୁପରିବ
ଶ୍ରୀକୃଷ୍ଣ କହିଲେ ଅଶେଷ ବ୍ରହ୍ମାଣ୍ଡେ ବୁଲି ଥିବୁ ଦସ୍ତପାଇଁ ।
ଅମ୍ଭମାନଙ୍କରେ ପୂଜା ତୁ ପାଇବୁ ଚନ୍ଦ୍ରାବନ୍ତୁ ନାହିଁ ପାଇ ॥
ଏମନ୍ତ ବର୍ଣ୍ଣ କମଳାରମଣ ଅନୁଗ୍ରହ ତାକୁ କଲେ ।
ଶଙ୍ଖ, ଚକ୍ର, ଗଦା, ପଦ୍ମ ଚତୁର୍ଭୁଜ ଏମାନଙ୍କୁ ସମର୍ପିଲେ ।
ଗରୁଡ଼ନାମହିଁ ବୋଲନ୍ତି ଶ୍ରୀକୃଷ୍ଣ ଗୁଣ ତୁ ବିନତାଶିଷ୍ୟ ।
ଅମ୍ଭଭକ୍ତବର ପୃଷ୍ଠରେ ବସାଇ ଭ୍ରମିଅଛ ଦଶଦିଶ । ୧୩୦ ।
ଏହିବିପ୍ରବର ତ୍ରିଲୋକମଧ୍ୟରେ ଯହିଁକି କହିବ ମନ ।
ନାହିଁ ନ କହିବୁ ବେଗେଇଲେଯିବୁ ଶୁଣ ହେ ଖଗରାଜନ ॥
ପ୍ରଭୁଙ୍କବଚନେ ଖଗେଶ୍ୱରବୋଲେ ଏଡ଼େ ଅନୁଗ୍ରହ ଯାଚ ।
ଅଙ୍ଗୀକରିଲେମୁହିଁ ଶତଯୁଗଯାଏ ସେଇବିଲିଥିବି ତାଙ୍କୁ ॥
ଶ୍ରୀକୃଷ୍ଣକହିଲେ ଅଧିକ ନ କହ ଉଡ଼ିଦଭୁବନେ ପକ୍ଷି ।
ମୁହୂର୍ତ୍ତେ ମାଧବେ ଭ୍ରମିଣ ଅମ୍ଭଙ୍କୁ ଦର୍ଶନ କରିବୁ ଆସି ॥
ଶୁଣିଣ ବ୍ରାହ୍ମଣ ହରଷ ହୋଇଣ ଶ୍ରୀକୃଷ୍ଣଙ୍କ ମୁଖ ଚାହିଁ ।
ଉତ୍ତରିଲ ବୋଲି ଗରୁଡ଼ପୃଷ୍ଠରେ ସତ୍ୱରେ ବସିଲେ ଯାଇ ।
ତଦନ୍ତରେ ଦ୍ୱିଜ ହୋଇ ଦଣ୍ଡବତ ଗମିଲେ ଗରୁଡ଼ ପୃଷ୍ଠେ ।
ଏକନିମିଷକେ ଖଗେଶ୍ୱର ଯାଇ ବ୍ରହ୍ମାଙ୍କ ପୁରରେ ଦେଲେ । ୧୩୧ ।
ଦେଖିକରି ଧାତା ଜଗତର ପିତା ମନେ ମନେ ଦମ୍ଭକଲେ ।
ବୋଇଲେ ମୋପଦ ଯୋଗିବା ନିମନ୍ତେ ବିଷ୍ଣୁ ଆସି ବିଜେକଲେ ।

ବେଗ୍ରରରେ ମୁହିଁ ବିଷ୍ଣୁରେ ଥାଇ ଛମୁକୁ ଆଉ ନ ଗଲି ।
ଅଜ୍ଞାନରେ ମୁହିଁ ଛକୁଣ୍ଡଳଠାରେ ମନ୍ଦକର୍ମ୍ମ ଅରଜିଲି
ଏମନ୍ତ ବୋଲିଣ ଲୁଚ୍ୟପଣେ ଧାତା ଜପ ଧ୍ୟାନ ସ୍ତବ ପଢ଼ି ।
କୋଟି ଦଣ୍ଡବତ ହେଲେ ସେ ତାହାଙ୍କ ଗିରେ ନେତ୍ରକର ଯୋଡ଼ି ॥
ସେହିଠାରୁ ପୁଣି ଚଳେ ଜଗମଣି ମିଳିଲେ ଇଶ୍ବର ସ୍ଥାନ ।
କୈଳାସସ୍ଥଳରେ ଥାଇଣ ଗୃହିଁଲେ ପଞ୍ଚମୁଖ ତ୍ରିଲୋଚନ ।
ଦେଖିଣ ବୋଇଲେ ଗରୁଡ଼ପୃଷ୍ଠରେ ବିଜେକଲେ ବାସୁଦେବ ।
ଇଷ୍ଟପ୍ସେ ଏଠାରେ କିଛି କାର୍ଯ୍ୟ ନାହିଁ ଇଶ୍ବର ପଦ ମୋ ନେବ ॥
ଆସନରୁ ଉଠି ପ୍ରଣାମ କରିଣ ଦୂରରୁ ଯୋଡ଼ିଲେ ହସ୍ତ ।
ବୋଇଲେ ସକଳ ଦୋଷ କ୍ଷମାକର ଅଗତବତ୍ସଳ ନାଥ
କେବଳରେ ମୋହର ସମସ୍ତ ହୋଇଲା ଦର୍ଶନ ନ କଲି ଯାଇ ।
ତୁମ୍ଭ ସେବାରେ ମୁଁ ମନ ଦେଇଅଛି କୋପ ନ କର ଗୋସାଇଁ ॥
ଏମନ୍ତ ଦେଖିଣ ଗରୁଡ଼ ବ୍ରାହ୍ମଣ ଅସିଲେ ତହୁଁ ତ୍ବରିତେ ।
ବ୍ରାହ୍ମଣ ବୋଇଲେ ଠାକୁରଙ୍କବର ଅନ୍ୟଥା ନୋହିଲା ମୋତେ ।
ପ୍ରସନ୍ନ ହୋଇଣ ଆପଣାର ପଦ ଯାଉଦେଲେ ବଳ୍ଲେବେଳା ॥
କାହିଁ କସି ପୂର୍ବେ ତପ କରିଥିଲି ଧନ୍ୟ ସେ ପୂର୍ବବାସନା ।
ଚାଲ ହେ ଗରୁଡ଼ ବିଳମ୍ବ ନ କର ବୈକୁଣ୍ଠପୁରକୁ ଯିବା ।
ପ୍ରଭୁଙ୍କର କର ପ୍ରତ୍ୟକ୍ଷେ ଜାଣିଲୁ ଆଉ କପଁ । ଏଠେଁ ଥିବା ॥
ବିପ୍ରଙ୍କର ବାଣୀ ଶୁଣି ଖଗମଣି ସଧୀରେ ଗମନ କଲା ।
ବ୍ରାହ୍ମଣଙ୍କୁ ନେଇ ଯାଇଣ ଗରୁଡ଼ ବସ୍ତ୍ର ଭୁବନେ ମିଳିଲା ।
ସିଂହଦ୍ୱାରେ ଯାଇ ରହିଲା ଗରୁଡ଼ ବିପ୍ରଙ୍କ ଓହ୍ଲାଇ ଚଲେ ।
ଶଙ୍ଖ ଚକ୍ର ଗଦାବିଗ୍ରହ କଣ୍ଠୁରୁ ସମସ୍ତେ ଦେଖିଲେ ଦ୍ବାରେ ।
ଗଦା ପଦ୍ମ ନେଇ ଚତୁର୍ଭୁଜ ସେଇ ବ୍ରାହ୍ମଣ ହୋଇଛି ଦ୍ବିଜ ।
ଭଜେ ନାରାୟଣ ବିଜୟ କଲେ କ ବୈକୁଣ୍ଠ ପାଉଛି ଶୋଭା ॥
ଆପଣେ ଶ୍ରୀହରି ବିପ୍ରେ ଦୟାକରି ଅଜ୍ଞା ଦେଇଛନ୍ତି ଯାହା ।
ଲୋକମାନେ ଅଛି ପ୍ରଭୁପ୍ରାପ୍ତେ ମଣି ଦେଖି ନ ଜାଣନ୍ତି ତାହା ॥
ଲକ୍ଷ୍ମୀଅଗେ ଯାଇ ଦାସୀଏ କହନ୍ତି ଅର୍ଘ୍ୟ ନେଇଅଛ ମାଏ ।

ତୁମ୍ଭ କାନ୍ତ ଅଛି ଦ୍ୱାରେ ରହିଛନ୍ତି ସତ୍ୱର କର ଦର୍ଶନ ॥
ଦାସୀଙ୍କର ବାଣୀ ଶୁଣି ଠାକୁରାଣୀ ସତ୍ୱରେ ଆସିଲେ ଧାଇଁ ।
ପ୍ରଭୁ ବୋଲି ଆସି ନମସ୍କାର କଲେ ବ୍ରାହ୍ମଣ ମୁଖକୁ ଚାହିଁ ॥
ପ୍ରଣାମ କରନ୍ତେ ସିନ୍ଧୁର କୁମାରୀ ବହୁତ ଆନନ୍ଦ ହେଲେ ।
ସମ୍ମୁଖରେ ଆସିଣ କରପଦ୍ମ ଯୋଡ଼ି ଦନତା ନନ୍ଦନ ବୋଲେ ॥
ମୋ ବଚନ ତୁମ୍ଭେ ଶୁଣ ଠାକୁରାଣୀ ଏକ ନ କହନ୍ତି ଛଳକ ।
ଭକ୍ତ ସେବା ଦେଖି ଆପଣା ମୂର୍ତ୍ତିକୁ ଦେଇଅଛନ୍ତି ମୁଗଧ ।
ନିଜ ପଦ ଦେଇ ସ୍ଥାନ ଭୁଲିଯାଇ ଅଛନ୍ତି ଦେବାଧିରାଜ ।
ଯାଇଁ ନ କହିଲେ ଅପରାଧ ହେବ ତେଣୁ ମୋତେ ବଡ଼ ଲାଜ ।
କମଳା କହିଲେ ତାହା ମୁଖ ଚାହିଁ ଶୁଣ ହେ ଦନତା ବତ୍ସ ।
ଶଙ୍ଖ ଚକ୍ର ଛାଡ଼ ଦେଲେ ଶୁଣୁଛୁ କେମନ୍ତେ କହିବା ମିଛ ।
ଏହି ଯେବେ ସତ୍ୟ ନ କହନ୍ତି ମୋ କାନ୍ତ କେମନ୍ତେ ବିଶ୍ୱାସ ହେବା ।
ସ୍ଥାନ ଭୁଲି ଯେବେ ଯାଇଛନ୍ତି ପ୍ରଭୁ ଆସିବା ପର୍ଯ୍ୟନ୍ତ ଥିବା ॥
ଲକ୍ଷ୍ମୀଦେବୀଙ୍କର ଅନ୍ତର୍ଗତ କଥା ଜାଣିଲେ ଶାରଙ୍ଗ ପାଣି ।
ବୋଇଲେ ଆମ୍ଭଙ୍କୁ ନ ଦେଖି ବିଷାଦ କରନ୍ତି ସିନ୍ଧୁ ନନ୍ଦିନୀ ॥
ଏମନ୍ତ ଭାବିଣ ଭକ୍ତେ ମହାପ୍ରଭୁ ମିଳିଲେ ଲକ୍ଷ୍ମୀଙ୍କ ଆଗେ ।
ଦେଖିଣ କମଳା ମହାଲକ୍ଷ୍ମୀ ଯାଇ ଭିତରକୁ ଗଲେ ବେଗେ ।
ପ୍ରଭୁଙ୍କ ଚାହିଁଣ ବୋଇଲ ବ୍ରାହ୍ମଣ ତୁମ୍ଭେ ଶୁଣ ବ୍ରହ୍ମଚାରି ।
ସନକାଦି ଆଜ୍ଞାପ୍ରମାଣେ ବହିଲ ଆପଣଙ୍କ ତେଜୋରାଶି ॥
ଏଣିକି ଶ୍ରୀହରି ମୋତେ ଦୟାକରି ଦୂର୍ବଳ ହୋଇଲା ଦେହ ।
କି ବିଷମ ଶୁଦ୍ଧ ମୋତେ ଲାଗୁଅଛି କି ବୁଦ୍ଧି କହିବ କୁହ ।
ଏବେ ତୁମ୍ଭ ତେଜ ଭାର ଦେବରାଜ ସମ୍ଭାଳ ଲକ୍ଷ୍ମୀଣାସାଇଁ ।
ଶଙ୍ଖ ଚକ୍ର ଗଦା ପଦ୍ମ ଭାର ମୁଁ ସ୍ଥିର ବହିବ ନାହିଁ ॥
କାଳୁକାଳେ ନାହିଁ ମିଛ ଟିଏ ବାଣୀ ଶୁଣ ହେ ଶାରଙ୍ଗଧର ।
ମୋର ସେବା ଏବେ ମୋତେ ଆଜ୍ଞା ହେଉ ଏତିକି ମାଗୁଛି ବର ॥
ଶ୍ରୀକୃଷ୍ଣ ବୋଇଲେ ଆମ୍ଭେ ବର ଦେଲୁଁ ଅନ୍ୟଥା ନ ହେବ ଦ୍ୱିଜ ।
ଯେ ଯାହାର ଦ୍ରବ୍ୟ ସେହି ତା ବହିବ ତୋତେ କାହିଁ ହେବ ଲାଜ ॥

ଏବେ ମୋର ସେବା କାହିଁକି ନ ନେବା ଲକ୍ଷ୍ମୀକାନ୍ତ ଯେ ଜନ୍ମେ ଜନ
ମନ ସ୍ଥିର କରି ମୋତେ ହୃଦେ ଧରି ଦୁଷ୍କର୍ମ ପଦରୁ ଜନ ।
ଏମନ୍ତ କହିଣ ଯଶୋଦା ନନ୍ଦନ ଗ୍ଳାନପଣ ଦୁଙ୍ଗାଇଲେ ।
ଶଙ୍ଖ ଚକ୍ର ଗଦା ପଦ୍ମ ଘେନିକରି ଅନ୍ତଃପୁରେ ବିଜେକଲେ ॥
ଶ୍ରୀବତ୍ସ ଚିହ୍ନ ହୃଦରେ ଶୋଭିତ କଣ୍ଠରେ କୌସ୍ତୁଭ ମଣି ।
ମହାମୂଲ୍ୟ ଗଜଦନ୍ତ ପଲଙ୍କରେ ବିଜେ କଲେ ଚକ୍ରପାଣି ।
ଶ୍ରୀକୃଷ୍ଣଙ୍କୁ ଦେଖି ଶରଚ୍ଚନ୍ଦ୍ରମୁଖୀ ଲଜ୍ଜାରେ ଶିର ପୋତିଲେ ।
ଠାକୁରଙ୍କଠାରେ କ୍ରୋଧଭର ହୋଇ କିଛି କଥା ନ କହିଲେ ॥
ଦକ୍ଷ ହସ୍ତ ନେଇ ଲଲାଟେ ଲଗାଇ ମହା କୋପଭର ହେଲେ ।
ହେଟମଥା ହୋଇ କରଷ ବଦନେ ବସିଛନ୍ତି ଭୂମିତଳେ ।
କମଳାର ମୁଖ ଦେଖି ପଦ୍ମମୁଖ ଆଜ୍ଞା ଦେଲେ ଚକ୍ରବାହା ।
ତୁମ୍ଭଠାରେ ଆମ୍ଭେ କି ଦୋଷ କରିଲୁଁ ଅକପଟେ କୁହ ତାହା ।
ଦୁର୍ବୁଦ୍ଧି ଧରିଣ ମନେ ତାପ କଲେ କିପାଇଁ ଏଡ଼େ ତରାସ ।
କେଉଁଅବା ତୁମ୍ଭଙ୍କୁ କି ସେବା ନ କଲି ଅପୂର୍ବ ହୋଇଲି କିସ ।
କମଳା ଭଣିଲେ ଶୁଣ ଚକ୍ରପାଣି ଅଧିକ କହିବା କାହିଁ ।
ତୁମ୍ଭ ମାୟା ମୋତେ ଗୋଚର ନୋହିଲା କି ବୁଦ୍ଧି କରିବି ଆଉ ।
ସାମନ୍ତ ହୋଇଣ ଭକ୍ତଭାବେ ବାଇ ବିଷ୍ଣୁତ କଥାରେ ଭୋଳ ।
ମର୍ତ୍ତ୍ୟପୁରେ ପାପୀ ବ୍ରାହ୍ମଣ ଗୋଷ୍ଠୀକୁ ଶଙ୍ଖ ଚକ୍ର ଚିହ୍ନ ଦେଲ ॥
ସେଥିପାଇଁ ଚିତ୍ତ ମନେ ତାପ କରି ଲଜ୍ଜାରେ ପୋତିଲି ଶିର ।
ଯାହାକୁ ତାହାକୁ ତୁମ୍ଭେ ଦୟା କର କେମନ୍ତ କଥା ତୁମ୍ଭର ॥
ଦାସୀଙ୍କର ବାଣୀ ଅନ୍ତଃପୁରୁଁ ଶୁଣି ସ୍ୱଦରୁ ବାହାର ହୋଇ ।
ତୁମ୍ଭପ୍ରାପ୍ତେ ମଣି ନମସ୍କାର କଲି ବ୍ରାହ୍ମଣ ମୁଖକୁ ଚାହିଁ ।
ଶ୍ରୀକୃଷ୍ଣ କହିଲେ ଶୁଣ କମଳାକ୍ଷି ସେ ବିପ୍ର ଆମ୍ଭର ଦେହ ।
ଭକତଙ୍କୁ ତୁମ୍ଭେ ନମସ୍କାର ହେଲ ଲଜ୍ଜା ହୋଇଲା କି କୁହ ।
ଭକ୍ତଠାରୁ ମୁହିଁ ଉଣାଉନୁ ନାହିଁ ଏଥିରେ ଭ୍ରାନ୍ତି ନ କର ॥
ଲେଖାରେ ଅମୃତ ଭଜ ଭ୍ରାତୃପୂର୍ବ ଅଟେ ସେହି ଦ୍ୱିଜବର ।
ଲକ୍ଷ୍ମୀ ବୋଇଲେ ଏ କେମନ୍ତ ଚରିତ୍ର ଆମ୍ଭେତ ତାହା ନ ଜାଣୁ ।

ଅମୃତ ତେମନ୍ତେ ସେହି ବ୍ରାହ୍ମଣ ମୁଖଠାରୁ ଅମ୍ଭେ ଶୁଣୁଁ ॥
ପ୍ରଭୁ ବୋଇଲେ ଗୋ ଶୁଣ ଶଙ୍କନାହିଁ ଅମ୍ଭ ଭ୍ରାତା ଦେବରାଜା ।
ସାବିତ୍ରୀ ଗାୟତ୍ରୀ ନାମରେ ଯେ ଦୁହେଁ ବ୍ରହ୍ମାଙ୍କର ବେନି ଭାର୍ଯ୍ୟା ॥
ପ୍ରଭଞ୍ଜନ ବଂଶେ ଗଙ୍ଗାରେ ପଶିଣ ସ୍ନାହାନ କରଇ ଯାଇ ।
ସାବିତ୍ରୀ ବୋଇଣ ସେହୁଁ ଯୁବତୀଙ୍କୁ ଗର୍ଭବତୀ ହୋଇ ଥାଇ ॥
ବେଲ୍ଲରରେ ମାସ ଦଶମ ହୋଇଛୁ ପ୍ରସବ ସମୟ ଯେଣୁ ।
ଗଙ୍ଗା କୂଳେ ଥାଇ ଗର୍ଭବ୍ୟଥାକଲା ଆସି ନ ପାରିଲେ ତେଣୁ ॥
ସ୍ଥଳବଳେ ନାଗ ସରମସୁନ୍ଦରୀ ଗର୍ଭୁ ହେଲା କଣ୍ଟକାର ।
ମହାକଷ୍ଟ ପାଇ ସେହିଠାରେ ଦେବୀ ପ୍ରସବ କଲେ କୁମର ।
ସେ ଯାହା ଅର୍ଜଇ ସେ ତାହା ଭୁଞ୍ଜଇ ପୂର୍ବଜନ୍ମାର୍ଜିତ କଥା ।
ଗର୍ଭରୁ ପଡ଼ିଣ ଶିଶୁ କୁମାରଙ୍କୁ ମନେ ମନେ କଲା ଚିନ୍ତା ॥
କୁମାର ବୋଲୁଛି ବ୍ରହ୍ମାଣ୍ଡଯାକେ ତ ଘୋଟିଅଛି ବିଷ୍ଣୁ ମାୟା ।
ତାହିଁ ପାଇଁ ଏଥେ ଜନମ ହୋଇଲି କେ ମୋତେ କରିବ ଦୟା ॥
ଜଳ ରକ୍ତେ ଶିଶୁ ମିଶ୍ରିତ ହୋଇଣ ଅକୂଳରେ କାନ୍ଦୁଅଛି ।
ଗୋବିନ୍ଦ ଗୋବିନ୍ଦ ମୁକୁନ୍ଦ କୁମାର ଭୂମିରେ ପଡ଼ି ଗଡ଼ୁଛି ।
ଦେଖିକରି ମୁଖ ଦୂର ହେଲା ଦୁଃଖ ସୁତରୁ ଧଇଲା ବାଳୀ ।
ଉଠ ଉଠ ବୋଲି ତାହାକୁ ଟେକନ୍ତେ ଭୂମିରୁ ନ ପାରେ ତୋଳି ॥
ନାନା ପ୍ରକାରରେ ବସ୍ତ୍ର ଯତନରେ ଅନେକ ଉପାୟ କଲା ।
ମହାକଷ୍ଟ ହୋଇ ବାଳକ କୁମର ଦେଖୁଁ ୨ ବଢ଼ିଗଲା ॥
କର ଚରଣକୁ ଧଇଲେ ନ ଟଳେ ଦ୍ୱିଗୁଣ ହୋଇଲା ରୂପ ।
ତୋଳି ତୋଳି ଦେବୀ ବିମୁଖ ହୋଇଣ ମନରେ କରିଲେ କୋପ ॥
ମାତା କହିଲେ ତୁ ପୁତ୍ର ହୋଇ ଯେବେ ଆସୁତ ନୋହିଲୁ ମୋତେ ।
ଯାହା ନାମ ଧରି ଏମନ୍ତ ହେଉଛୁ ସେହି ପ୍ରତିପାଳୁ ତୋତେ ॥
ରକ୍ଷିଦେବସରେ ଗୋବିନ୍ଦ ମୁକୁନ୍ଦ କୃଷ୍ଣ ମୋତେ ରକ୍ଷାକର ।
ବାଳକମୁଖ ଦୃଢ଼ସେବା ଦେଖି ପ୍ରସନ୍ନହେଲେ ସତ୍ୱର ॥
ଦେଖିଣ ବାଳକ ଶିରେ ବେଣିହସ୍ତ ଯୋଡିଣ ଉଠିଲା ବେଗ ।
ଅମ୍ଭେ ବୋଇଲୁଁ ଯେ ବରଦେବା ତୋତେ ଯାହାଇଚ୍ଛା ତାହାମାଗ ।

ଶୁଣନ୍ତୁ ତୁମର ଅଷ୍ଟ ଯୋଗେଶ୍ୱର ଷଡ଼ୁଭବନେ ଅମ୍ଭ ବାସ ।
ସେବାଦେଖି ଅମ୍ଭେ ପ୍ରସନ୍ନହୋଇଲୁ ବୈକୁଣ୍ଠକୁ ଯିବା ଆଶ ॥
ତୁମାର ରହିଲେ ଶୁଣଇକିପାଣି ତୁମ୍ଭେ ଯେବେ ମୋତେ ନେବ ।
ଶଙ୍ଖ ଚକ୍ର ଗଦା ପଦ୍ମ ଚତୁର୍ଭୁଜ ଦର୍ଶେ ମାତ୍ର ମୋତେ ଦେବ ॥
ତୁମ୍ଭେ ଏବେ ବୃଷି ନବଯୁବାହୁଅ ବାଳକସ୍ୱଭାବ ଯାଉ ।
ଗଙ୍ଗାର କୂଳରେ ଜନମହୋଇଲ ଗଙ୍ଗାଧରନାମ ହେଉ ॥
ଏମନ୍ତକହିଣ ସେହିଠାରୁ ଅମ୍ଭେ ଗମନ କଲୁଁ ଛଡ଼ାଟେ ।
ବାଳକମୂର୍ତ୍ତିକୁ ଯେଉ ଅସୁ ଅସୁ ସାଧ୍ୱୀ ଦେଖିଲେ ବାଟେ ॥
ଦୂରରୁ ଦେଖିଣ ବ୍ରହ୍ମାଙ୍କ ରମଣୀ ଶିରରେ ଯୋଡ଼ିଲେ କର ।
ବୋଇଲେ ଆପଣ ଅନାଥରନାଥ ମୋତେ ଅନୁଗ୍ରହ କର ॥
କଷ୍ଟକଷ୍ଟପାଇ ଗର୍ଭରେ ଧରଇ ଦଶମାସ ପୂର୍ଣ୍ଣ ହେଲା ।
କମଠର ଜନ୍ମପ୍ରସବ ପ୍ରାପ୍ତେକ ଜଫଳ ସବୁ ହୋଇଲା ॥
ଏବେକେ ଶ୍ରୀହରି ଉପେକ୍ଷ୍ୟାହରି ଅନୁଗ୍ରହ ମୋତେ କର ।
ତୁମ୍ଭର ସମ୍ପଲ ହେଉ ଏ ତୁମର ଥାଉ ଷଡ଼ୀପରେ ମୋର ॥
ପ୍ରଭୁବୋଇଲେ ହେ ଋଷ ପଦ୍ମମୁଖୀ ବ୍ରହ୍ମାଙ୍କ ଜ୍ୟେଷ୍ଠ ସୌଭାଗୀ ।
ଅନେକ ଅକୁଳହୋଇଣ ସାଦରୀ ସୂର୍ଯ୍ୟକୁ ସେବଲେ ମାଗି ।
ଏମନ୍ତରେ କଷ୍ଟଁ ବିଷ୍ଣୁଜନପରେ ବଢ଼ିଲା ବାଳକ ବସ୍ତୁ ।
ବଳବନ୍ତପଣେ କେହୁକ ତାହାକୁ ମହୀରେ ନୋହିଲେ ଲକ୍ଷ ॥
ବିଷ୍ଣୁବାଳପରେ ଅଳପଜନରେ ଗଙ୍ଗାଧର ନାମେ ଖ୍ୟାତି ।
ରଜନୀକବସେ ଗଙ୍ଗା କୂଳେ ଯାଇ ତପକରୁଥାନ୍ତି ବସି ॥
ଏମନ୍ତସମୟେ ଇନ୍ଦ୍ରର ଦୁହିତା ସୁଲକ୍ଷଣାନାମରେ ବାଳୀ ।
ସେହି ସେକାଳରେ ସ୍ନାନବଶିହୋଇ ଗଙ୍ଗାରେ ଦେହ ପଖାଳି ॥
ଦେଖାଇରେ ବାମା ସ୍ୱର୍ଗରଜନେମା ସୁନ୍ଦରୀ ନବଯୁବତୀ ।
ସ୍ନାହାନ ସାଧିବା ସମୟେକୁମାରୀ ତୁଷେ ମୋତେ କନ୍ୟମୂର୍ତ୍ତି ॥
ମୁନିଙ୍କୁ ଗ୍ରହିଣ ନମସ୍କାର କରି ଉଠିବା ସମୟେ ବେଗ ।
ପଡ଼ଇଫେଇତା ଦେହୁ ଉଡ଼ିଗଲା ଦିଶିଲା ଯୌବନ ଭାଗ ।
ଦେଖିକରି ବୃଷି କଷ୍ଟଁ ଉଠିଅଛି ମଦନ ବାଣ ଛଡ଼ାଟେ ।

ଲମ୍ପନଦେଇଣ ସୁଗନ୍ଧବାଳୀକି ଅବଶ୍ୟ ଧଇଲେ ବାଟେ ॥
ଭୁଜଦୁଇଟି ଧରୁ ଲଜ୍ଜା ଛାଡି ପ୍ରେମେହେଲେ ମତ୍ତ ଭୋଳେ ।
କଣ୍ଠ କଣ୍ଠ ଘଷି ଅଜ୍ଞାନ ହୋଇଣ କନ୍ୟାକୁ ହରିଲେ ବଳେ ॥
ଦେଖିଣ କାମିନୀ କହିଲେ ହେ ମୁନି ଅର୍ଜ୍ଜିଲ ଅନେକ ପାପ ।
ନାହିଁ ବଳ ମୋତେ ବଳେ ଯେ ହରିଲ ତୋତେ ପଡ଼ୁ ମୋରଶାପ ।
ମୋହର ବାଣୀକୁ ଦୃଢ଼କରି ଯାଣ ଅନ୍ୟଥା ନୋହିବ ଆଉ ।
ମର୍ତ୍ତ୍ୟମଣ୍ଡଳରେ ଜାତ ହୋଇ ତୋର ବେଶ୍ୟା ଗୃହେ ପ୍ରାଣଯାଉ ॥
ପ୍ରଭୁ ବୋଇଲେ ହେ ଶୁଣ କମଳିନୀ ଏମନ୍ତ ବିଷମ କଥା ।
ସୁଗନ୍ଧା ମୁନିଙ୍କୁ ଶାପ ଦେବା ଦେଖି ଆମ୍ଭଙ୍କୁ ଲାଗିଲା ବ୍ୟଥା ॥
କନ୍ଦୁକଲମ୍ବ ହେବାକୁ ଦୃଷ୍ଟିକ ତାହାଜାଣି ଭାବି କଳେ କଲୁଁ ।
ମହାକୋପ ହୋଇ ସେଠାରେ ପ୍ରବେଶି ସୁଗନ୍ଧାକୁ ଶାପଦେଲୁଁ ॥
ଶୁଣହେମୁନିନ୍ଦ୍ର ଇନ୍ଦ୍ରକୁମାରୀ ଅର୍ଜ୍ଜିଲ ଅନେକ ପାପ ।
ଆମ୍ଭର କନ୍ଦୁକୁ ନ ଜାଣି ଦଣ୍ଡିଲୁ ତୋତେ ପଡ଼ୁ ମୋର ଶାପ ॥
ତୁହି ଏବେଯାଇ ମର୍ତ୍ତ୍ୟେଜନ୍ମ ହୋଇ ଜାତରେ ବେଶ୍ୟା ହୋଇବୁ ।
ସୁଗନ୍ଧାନାମ ତୋ ଗୁପ୍ତ ହୋଇଥିବ ମଦନା ନାମ ବହିବୁ ॥
ଏହିମୁନି ପୁଣି ସଙ୍କର୍ଷଣନାମେ ଅଭ୍ୟାଗତ ହୋଇଥିବ ।
ଦେହଅନ୍ତେ ପୁଣି ସ୍ଥାନ ବଳଜାଣି ତୋର ଗୃହେ ପ୍ରାଣ ଯିବ ॥
କହନ୍ତୁରେ ଆସି ବୈକୁଣ୍ଠରେ ପଶି ଆମ୍ଭଙ୍କୁ ଦର୍ଶନ କଲେ ।
ଶାପକୁ ମୁକତ କରାଇ କନ୍ଦୁକୁ କଢ଼ାଇ କହିବ ହେଲେ ।
ଇନ୍ଦ୍ରକନ୍ୟାମୁନି ଏହିଶାପ ଘେନି ମର୍ତ୍ତ୍ୟପୁରେ ଦେହ ଧରି ।
ସେହି ଦ୍ୱିଜବର ବ୍ରାହ୍ମଣ୍ୟ ହେଲା ଶୁଣ ହେ ସନତ୍କୁମାରି ।
କହନ୍ତେ ମୁନିଙ୍କ ମର୍ତ୍ତ୍ୟଦେହ ଧରି ଥୋକାଏ ଦିନ ରହିବୁ ।
ମର୍ତ୍ତ୍ୟରୁ ଆସିଣ ଇନ୍ଦ୍ରର ଦୁହିତା ପରଜନ୍ମରେ ହୋଇବୁ ॥
ପ୍ରଭୁଙ୍କର ବାଣୀ ଲକ୍ଷ୍ମୀଦେବୀ ଶୁଣି ଛାଡିଲେ ହୃଦର ବ୍ୟଥା ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ବିଲ୍ବଲପଦ କଥା ॥
ଯେଉଁ ଶ୍ରୀହରିଙ୍କୁ ଦର୍ଶନ କରିଲେ ଦୁଅନ୍ତି ବୈକୁଣ୍ଠ ଭେଟ ।
କଣା ହୋଇ କନ୍ତ ଅମଡ଼ା ମାଡିଲେ ଆପଣେ କହାନ୍ତି ବାଟ ॥

ଦୁଷ୍ଟଜନ ଗଞ୍ଜି ଭକ୍ତ ମନ ରଞ୍ଜି ଦୁଷ୍ଟ ଦମନ କରନ୍ତି ।
ପତିତପାବନ କୃପାସିନ୍ଧୁ ବୋଲି ଏ ନାମ ପାଇଅଛନ୍ତି ॥
ଆମ୍ଭର ଜନମ ହେଲା ଅଦ୍ୟାବଧି ଜଗତରେ ଅଟୁଁ ପାପୀ ।
ତୁମ୍ଭଠାରୁ ଏବେ ବ୍ରହ୍ମ କଥା ଶୁଣି ନିସ୍ତାର ପାଇବୁ ବୋଲି ।
ପତିତପାବନ କୃପାସିନ୍ଧୁ ବୋଲି ଜଗତ ମୁଖରେ ଶୁଣି ।
ତାହୁଁ ଏହି ନାମ କେମନ୍ତେ ପାଇଲେ ବେଦର ଏହା ନ ଜାଣି ।
ନିଜର କହିଲେ ଗୁଣ ଗୋପନାସ୍ତି ଏ ମହା ଗୁପତ ବାଣୀ ।
ତଦୁ ଯାହୁଁ ମୋତେ ଶ୍ରୀମୁଖେ କହିଲେ ବେଣୁସ୍ୱନା ଅମ୍ଭେ ଜାଣି ॥
ବୈହାୟୁଲ ଅଷ୍ଟ ଭେଗ ଭଦ୍ରଗଲା ନବେ ସହସ୍ର ବରଷ ।
ପ୍ରଜାପତିଙ୍କର ଜନମ ହୋଇଲେ ଷାଠିଏ ହଜାର ଶିଶୁ ।
ସମସ୍ତ ତୁମ୍ଭେ ଗର୍ବେ ମତ୍ତ ହୋଇ ବୋଲୁଥିଲେ ଦିନ୍ନବତେ ।
ଏମନ୍ତ ସମୟେ ଅଷ୍ଟାବକ୍ର ଋଷି ଯାଉଛନ୍ତି ସେହି ବାଟେ ।
ତାର କଣ୍ଠୀଲିଙ୍ଗ ପାଦ ସହିତରେ ସ୍ଖଳିଷ ନୁହଇ ଦେଖୁ ।
ବଦନ ନାସିକା କର୍ଣ୍ଣ ବକ୍ର ଅଟେ ଅଷ୍ଟାବକ୍ର ନାମ ତେଣୁ
ଚାଲି ଅଟେ ଛୁଟି ଅଳ୍ପ ଅଳ୍ପ ଦୂର ପଡ଼ନ୍ତି ଗୋଡ଼ ସ୍ଖଳିରେ ।
ମସ୍ତକ ହାଣ୍ଡିଭ ତୁଷର ବଦନ ଛୁଡ଼ା ହେଲେ ପୃଷ୍ଠଭାଗେ ।
ଏମନ୍ତ ରୂପକୁ ଦେଖି ବାଳଗଣ ଅତ୍ୟନ୍ତ ଆନନ୍ଦ ହୋଇ ।
ସମସ୍ତ ତୁମ୍ଭେ କରତାଳି ଦେଇ ହସନ୍ତି ତାହାଙ୍କୁ ଚାହିଁ ।
ଏ କି ଅପରୂପ ସୁନ୍ଦର ମନୁଷ୍ୟ ବୋଲିଣ ବାଳକ ରଙ୍ଗେ ।
କରତାଳି ମାରି କୁରୁଳି ଦେଇଣ ଗୋଡ଼ାଇଲେ ଋଷି ପଛେ ।
କୌଣସି ବାଳକ ଗର୍ବେ ହୋଇ ମତ୍ତ ବାଲି ଧଅନ୍ତି ପକାଇ ।
ଋଷିଙ୍କର ପ୍ରାୟେ ହୋଇ ଅଷ୍ଟାବକ୍ର ଅନ୍ତରେ ଗଲେ ଯାଇଁ ।
କେହି ବୋଲନ୍ତି ଏ ମନୁଷ୍ୟ ଗୋଟିକୁ ଆମ୍ଭ ଭୁବନକୁ ନେବା ।
ଖୁରକେତ ଦେଖି ସାନନ୍ଦ ହୋଇବେ ପଛେ ଥୁଇ ଛାଡ଼ିଦେବା ।
ଏମନ୍ତ ଭାଷିଣ ଋଷିଙ୍କ ପାଦକୁ ଆକର୍ଷି ଧଇଲେ ତେଣୁ ।
ଦେଖିଣ ସେ ଋଷି କ୍ରୋଧବର ହୋଇ ଶାପ ଦେଲେ ତାଙ୍କୁ ତେଣୁ ॥
ବୋଇଲେ ଶୁଣରେ ଦୁଷ୍ଟମାନ ତୁମ୍ଭରେ ଅର୍ଜିଲ ଅନେକ ପାପ ।

ଦୋଷଗୁଣେ ଦଣ୍ଡ ପ୍ରାପତ ନୋହିବେ ତୁମ୍ଭଙ୍କ ପଡ଼ୁ ମୋ ଶାପ ।
ଯେବେ ଜନ୍ମଯାଏ ତୁମ୍ଭ ପାଦେ ପ୍ରେମ ପଶିଛ ହୋଇଣ ଥିବ ।
ତେବେଲାକେ ସୁଧୀ ସନ୍ତଷ୍ଟ ବଚନେ ବୈକୁଣ୍ଠ ପୁରକୁ ଯିବ ।
ଅନ୍ତରେ ତୁମ୍ଭଙ୍କ ବଚନ ଲଙ୍ଘିଲୁ ଛାଡିବ ଯେସନେ ପାପ ।
ଶାଠିଏ ବତ୍ସରେ ପାପ ଖଣ୍ଡିଯିବ ପାଦପଦ୍ମ ସେବେ ଜପ ॥
ଏମନ୍ତ ବଚନ ସେଠାରୁ ଶୁଣିଲେ ମଠରୁ ଆସିଲେ ଋଷି ।
ତୁଳାପୁରି ସୁଦେ ଆଳ ବେଶ ଛାଡି ତୁମ୍ଭ ପାଦ ଲୁଣ୍ଠେ ପଶି ॥
ସେବେଦ ଯୋଗିନ ତୁମ୍ଭ ପାଦ ସ୍ଥାନ ଗଞ୍ଜାର ପଞ୍ଚାଶ କାଳ ।
ପିଅ ତ ଯିବାକୁ ପଥ ନ ପାଉନ୍ତି ଉଚ୍ଚରେ ଅଟେ ବିଶାଳ ॥
ତାହାର ଭିତରେ ପୁଜାପୁରିମୁଖେ ରହିଲେ ବସ୍ତୁଜ ଦୁଃଖେ ।
ପାଦପଦ୍ମ ବେଢ଼ି ଅନବରତରେ ଜପ ଧ୍ୟାନ କଲେ ମୁଖେ ॥
ଲୋଚନ ଶସ୍ତ୍ର ନେଇଣ ସନ୍ତୋଷ ଧ୍ୟାନ କଲେ ଯୋଗ ଭାବ ।
ପାଦପଦ୍ମ ବୋଲି ପୁଜାପୁରି ମୁଖେ ଉଚ୍ଚାରିଲେ କଲେ ଧ୍ରୁବ ॥
ତାହାଙ୍କର ସେବା ଦେଖି ଲକ୍ଷ୍ମୀପତି ବିସ୍ମୟନ୍ତି ଜନାର୍ଦ୍ଦନ ।
ଆମ୍ଭ ପାଦପଦ୍ମ ଏମାନଙ୍କ ଭକ୍ତି ପାଇଲେ ଉତ୍କୃଷ୍ଟ ଜାଣ ।
ପ୍ରଭୁ ବୋଇଲେ ହେ ବାଳକ ତୁମ୍ଭରେ କାହିଁ ପାଇ କଲ ସେବା ।
ତୁମ୍ଭ ସେବା ଦେଖି ପ୍ରସନ୍ନ ହୋଇଲୁଁ ବରମାଗ ଏବେ ଦେବା ।
ପ୍ରଭୁଙ୍କର ବାଣୀ ପାପୀମାନେ ଶୁଣି ବୋଇଲେ ଶୁଣ ଗୋସାଇଁ ।
ଅତି ଗଞ୍ଜାର ଏ ତୁମ୍ଭ ପାଦ ଅଟେ ଉଠିବାକୁ ପଥ ନାହିଁ ।
ଏ ବେଳେ ସନ୍ତୋଷ ହୁଏ ଦୟା କରି କଟେ ଯେବେ ଦେବବର ।
ପାଦପଦ୍ମ ବେଢ଼ି ପାବଚ୍ଛ ହୋଇବ ଏହି ଆମ୍ଭଙ୍କ ଇଚ୍ଛାର ।
ତାହାଙ୍କର ବାଣୀ ଶୁଣି ଲକ୍ଷ୍ମୀପତି ସର୍ବଜ୍ଞାନୀ ନାରାୟଣ ।
ଆସ ଆସ ବୋଲି ବତକଙ୍କଠାରେ ବଢ଼ାଇ ଦେଲେ ଚରଣ ॥
ଅଦ୍ୟାପି ସେ ପାଦ ଅମୃତକୁ ସ୍ୱାଦ ବଢାଇନ୍ତି ଲକ୍ଷ୍ମୀଧର ।
ତୁମ୍ଭ ପାଦ ବସ୍ତୁ ବନ୍ଧୁ ହୋଇ ଯାଇ ହୋଇଲା ବୈକୁଣ୍ଠପୁର ॥
ଲକ୍ଷ୍ମୀଷନ୍ୟାସେ ଯେଉଁ ପାଦପଦ୍ମ ଦେବାଇଲା ନବ ସୃଷ୍ଟି ।
ସେହି ପାଦ ଧରି ପାପୀଜନମାନେ ଦୂରରୁ ଆସିଲେ ଉଠି ॥

ଅବସ୍ଥ ଭରଣ ଧରିବା ମାତ୍ରକେ ଛୁଟିଲ ହୃଦକୁ ବ୍ୟଥା ।
ଷାଠିଏ ହଜାରରେ ଶାପୁଁ ମୁକ୍ତ ହେଲେ ପୂର୍ବର ଏମନ୍ତ କଥା ॥
ପ୍ରଭୁଙ୍କୁ ଗୁହାଂଣ ପ୍ରଜାପତି ମୁଖେ ବୋଲନ୍ତି ଶୁଣ ଶ୍ରୀଧର ।
ଆପଣଙ୍କଠାରେ ଗୋଟିଏ ପ୍ରାର୍ଥନା ଅଛି ଆମ୍ଭମାନଙ୍କର ॥
ଭବିଷ୍ୟେ ଯେବେହେଁ ପ୍ରସନ୍ନ ହୋଇଲ ଆମ୍ଭର ଆଶା ରହିବ ।
ପତିତପାବନ ନାମ ଗୋଟି ତୁମ୍ଭେ ଆମ୍ଭଠାରୁ ବହିବ ॥
ଭକ୍ତଙ୍କର ବାଣୀ ଶୁଣି ଜଗତପତି ସନ୍ତୋଷ ଅତି ହୋଇଲେ ।
ଦେଲି ବୋଲି ପ୍ରଭୁ ପ୍ରସନ୍ନ ହୋଇଣ ବୈକୁଣ୍ଠ ପୁରେ ମିଳିଲେ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାଥ ତୁମ୍ଭେ ଆଜ୍ଞା ଦେଲ ଯାହା ।
ଅନେକ ପ୍ରକାରେ ପ୍ରଭୁଙ୍କ ମହିମା ଶ୍ରୀମୁଖେ କହିବ ତାହା ॥
ପତିତମାନଙ୍କୁ ପାଦପଦ୍ମ ଦେଇ ପାବନ୍ତ ହୋଇଲ ଯେଣୁ ।
ପତିତପାବନ ନାମଗୋଟି ପ୍ରଭୁ ସେଠାରୁ ପାଇଲେ ତେଣୁ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ଜ୍ଞାନମାର୍ଗ ତୁମ୍ଭେ ଦେଲ ।
ଆମ୍ଭେମାନେ ଶୁଣି ମୁକତ ହୋଇଲୁଁ ଛୁଟିଲା ପାପ ସକଳ ।
ଅନନ୍ତ ସୁଫଳ କେହୁଁ ବଡ଼ ଭକ୍ତ ଏବେ ଜାଣିଲୁଁ ଗୋସାଇଁ ॥
କୃପାସିନ୍ଧୁ ବୋଲି ପ୍ରଭୁଙ୍କ ମହିମା ଏ ନାମ ପାଇଲେ କାହିଁ ।
ଉଦ୍ଧବ ବୋଇଲେ ସେ କଥା ଶୁଣିଲେ ଜନ୍ମର ଦୁଃଖ ନାଶିବା ।
କୃପାସିନ୍ଧୁ ନାମ ଯହୁଁ ଅବତାର ତାହା ତୁମ୍ଭଙ୍କୁ କହିବା ॥
ଶ୍ରୀଦତ୍ତ୍ ସୁବର୍ଣ୍ଣ କର୍ଣ୍ଣପଥେ ଶୁଣ ପୂର୍ବ କଥାର ଉପମା ।
ନଳ କୁବେରଙ୍କ ସୁତ ଦୁଇଗୋଟି ଦବସ୍ତ ଗୋବସ୍ତ ନାମା ॥
ବାଳକ ସ୍ୱଭାବ ଅଳ୍ପବୟେ ଗଲେ ଦତ୍ତ ସୁବର୍ଣ୍ଣ ଶୁଣିଲେ ।
ଧର୍ମକଥା ଛାଡ଼ି ଅନ୍ୟେ ପାର ନାହିଁ ଏମନ୍ତ ବୋଲି ମଣିଲେ ॥
ଜ୍ୟେଷ୍ଠପୁତ୍ର ସୁତ ଗୋବସ୍ତ ନାମରେ ଈଶ୍ୱରଙ୍କୁ ସେବା କଲେ ।
ଅତି ଭକତିରେ ଆସନରେ ବସି ଶିବ ନାମ ଏକା ଧରେ ॥
କନିଷ୍ଠ କୁମର ଦବସ୍ତ ତା ନାମ ଦତ୍ତ ପାଦେ ଚିତ୍ତ ଦେଇ ।
ସଂସାରରେ ଲୋଭ ସବୁ ତ୍ୟାଗକଲା ବାଳକ କୁମର ହୋଇ ॥
ଏକ ଦିନକରେ ସଙ୍ଗେ ଦେଇ ଘେନି ସମୁଦ୍ର ତୀରକୁ ଗଲେ ।

ଉତ୍ତମକର୍ମ ଶାନ୍ତ ଯେ ଯାହା ପ୍ରଭୁଙ୍କ ଅନ୍ତର୍ଗତେ ଲିପ୍ତ କଲେ ॥
ଗୋବସ୍ତ ଭ୍ରମର ଶିବ ନାମ ଧରେ ଦିବସ୍ତ ଶ୍ରୀହରି ଧରେ ।
ରାମ ନାରାୟଣ ନାମ ଉଚ୍ଚାରଣ ଘୋଷକର ଶବ୍ଦ କରେ ।
ହରଷ ହୋଇଣ ଶିରେ କଣ୍ଠୁଥାଇ କ୍ଷଣେହେଁ ନାହିଁ ବିଶ୍ରାମ ।
ଜ୍ୟୋତିର୍ବ୍ରତା ଦେଖି ମନେ କୋପ କଲା ଅଣ୍ଟେ ଧରିଲାକୁ ନାମ ॥
ବୋଇଲା ଦିବସ୍ତ ଶୁଣରେ ପାପୀଷ୍ଠ ଏମନ୍ତ ଗରବ କଷ୍ଟ ।
ମୋର ପ୍ରଭୁ ଥାନ୍ତେ ତୋର ପ୍ରଭୁ ନାମ ବଡ଼ କଲୁ କିପାଁ କଷ୍ଟ ॥
ସେ ଯେଉଁ ଈଶ୍ୱର ଯୋଗୀଯୋଗେଶ୍ୱର ଦଦଳଙ୍କୁ କଲ୍ୟସେନ ।
ତ୍ରିଶୂଳ ଡମ୍ବରୁ ବନ୍ଧୁକଭୂଷଣ ନ ଜାଣୁ କି ରୁଦ୍ର ନାମ ।
ଦିବସ୍ତ କହିଲା ଶୁଣ ଜ୍ୟୋତିର୍ବ୍ରତ ସବୁ କଥା ଅମ୍ଭେ ଜାଣୁ ।
ନାରାୟଣ ବିନା ଯେତେକ ଦେବତା ସାମାନ୍ୟ ପରାୟେ ମଣୁ ॥
ତୋହର ସାମନ୍ତ ଯେବେ ବଳବନ୍ତ ପରୀକ୍ଷା କରିବା ତାହା ।
ଗୋବସ୍ତ ବୋଇଲା ସେ କଥା ପ୍ରମାଣ ତୁ ଏବେ କହିରୁ ଯାହା ॥
ଦିବସ୍ତର ବାଣୀ ଶୁଣି ମୁନିମଣି ଅଧିକ ଦମ୍ଭର ନାହିଁ ।
ଯେ ଯାହାର ପ୍ରଭୁ ନାମ ଧରି ଭାବ ସବୁ ଉଭୟଙ୍କୁ ଗୁହିଁ ॥
ଯାହାର ସାମନ୍ତ ହେବେ ବଳବନ୍ତ ବନ୍ଧୁକୁ ହୋଇବେ ପିଠି ।
ମୀନ କୁଳଗୋଷ୍ଠି ଉଦ୍ଧରି ରଖିବା ଭାବିଲେ ଅଇଁବେ ଛୁଟି ॥
ପରୀକ୍ଷାର ବାଣୀ ଶୁଣି ଏହିକ୍ଷଣି ଦେ ସାନ ଦେ ବଡ଼ ହୋଇ ।
ତୁମ୍ଭ ପ୍ରଭୁନାମ ରଖିବ ହୋଇବ ଅମ୍ଭ ପ୍ରଭୁନାମ ନେଇ ॥
ଏମନ୍ତ ଭାଷିଣ କୁବେର ବାଳକେ ଅସ୍ଥଳ ଉପେକ୍ଷି ଯାଇ ।
ଖେଳି ନାମେ ଏକ ରଖେକ ଅଛେକ ଭାଜନ୍ତି ସିନ୍ଧୁକୁ ଚାହିଁ ॥
ଗୋବସ୍ତ ଭ୍ରମର ଭାବେ ଲିଙ୍ଗରାଜ ସଦାଶିବ ନାମ ଘେନି ।
ସଙ୍ଗ ତୁଳ ଅନ୍ତେ ଓଁଶ୍ରୁ କଣ୍ଠ ଶୁଣି ଫାଟିବାକୁ ହେଲା ଭୂମି ॥
ଦିବସ୍ତ ଶୁଣିଣ ମନେ ମନେ ଗୁଣି ଚାହିଁକର ଜଗବନ୍ଧୁ ।
ହରିନାମ ଧରି ଘନ ଘନ ଭାବେ ଜାଣିଲେ କରୁଣାସିନ୍ଧୁ ॥
ବେଳାରରେ ଚଢ଼ି ଜଗତବେହାରୀ ଦଦରୀବକୁ ବାଇ ।
ମୀନରୂପଧରି ସମୁଦ୍ର ଉଦରୁ କୂଳକୁ ପକାଇଲେ ତେଇଁ ॥

ଦଇତରମନ ଦେଖି ନାରାୟଣ ଜଳରୁ ଉଠି ଆସିଲେ ।
ଦେଖିଣ ଦବସ୍ତ ମନେ ହୋଇ ତୋଷ ତ୍ରୁହୁଙ୍କୁ ତୋଳି ଧଇଲେ ॥
ଶ୍ରୀଅଙ୍ଗର ଧୂଳି ସ୍ୱଅଙ୍ଗରେ ବୋଳି ଥୋଇଲେ ଶିରରେ ଧରି ।
ଜ୍ୟେଷ୍ଠଭ୍ରାତା ମୁଖ ଚାହିଁଣ କହିଲେ ପରିହାସ ପ୍ରାୟେ ବାଣୀ ॥
କହିଲ ହେ ଭ୍ରାତଃ ଆମ୍ଭପ୍ରଭୁ ଇନ୍ଦ୍ର ସେବାକଲୁ ଶିବଗଣ ।
ତୁମ୍ଭଙ୍କୁ ପ୍ରସନ୍ନ ହେଲେ ସଦାଶିବ ବରମାଗି ଏବେ ଘେନ ।
ଶୁଣିଣ ଗୋବସ୍ତମନେ ଗଙ୍ଗାବନ୍ଧ ବିବସ୍ତ୍ରକୁ କଲ କୋପ ।
ଦଣ୍ଡସ୍ତ ହୋଇ ତୁ ଜ୍ୟେଷ୍ଠକୁ ନିନ୍ଦିଲୁ ତୋତେ ପଡ଼ୁ ମୋର ଶାପ ॥
ଏ ମୀନକୁ ଦେଖି ମନେ ଗର୍ବଇଲି ମୋତେ କଲୁ ଅପମାନ ।
ମର୍ତ୍ତ୍ୟମଣ୍ଡଳରେ କୈବର୍ତ୍ତ କୁଳରେ ଅବଶ୍ୟ ହେବୁ ଜନମ ॥
ଆସ୍ଥିର ଗୋଷ୍ଠିଏ ବଚନ କହିବା ଶୁଣରେ ସାମର ସଦ ।
ମରଣ ସମୟେ ଦେଇଚକ୍ଷୁ ତୋର ଅଛି ତେ ହୋଇବ ଅନ୍ଧ ।
ଜ୍ୟେଷ୍ଠଭ୍ରାତାମୁଖୁଁ ଏମନ୍ତ ଶୁଣିଣ ବିବସ୍ତ୍ର ହୋଇଲା ଦୁଃଖି ।
ସୁମନ୍ତ୍ରବର୍ଷି ତପକରୁଥିଲେ ତାହାଙ୍କୁ କଲା ସେ ସାକ୍ଷୀ ॥
କହୁଅଛୁ ତୁମ୍ଭେ ଯୋଗେଶ୍ୱରୁଦ୍ଧ ଭାବରେ ବଶ ହୋଇବ ।
ଦୁଇଲୋକଙ୍କର ମଧ୍ୟସ୍ଥ ହୋଇଣ ଯଥାର୍ଥ କଥା କହିବ ॥
ମୁନି କହୁଛନ୍ତି ଶୁଣହେ ବିବସ୍ତ୍ର କଥାଏ କହିବା ତୋତେ ।
ଶିବଙ୍କର ନାମ ଯେଉଁ ଲୋକ ଜପେ ତାହାଙ୍କର ଜ୍ଞାନହେତେ ॥
ସ୍ୱଭାବରେ ହର ଶ୍ମଶାନରେ ଘର ତମଘେନ ତାଙ୍କ ବୁଦ୍ଧି ।
ପିତାଗୁଣେ ଶୁଦ୍ଧ ସମ୍ଭବ ହୋଇଲେ ନ ଛଡ଼ନ୍ତି ଯେ ତ୍ରୁଦ୍ଧି ॥
ଏବେତେ ଦବସ୍ତ ହେଲୁ ତୋର ଅଛି ଆମ୍ଭଙ୍କ ଦେହିଲ ଯେଣୁ ।
ଗୋବସ୍ତ ଶାପ୍ୟରୁ ମୁକ୍ତ କରି ତୋତେ ବର ଯାଚିଦେବା ତେଣୁ ॥
ଯେଉଁ ମୀନକୁ ତୁ ଦଲେ ଧରିଅଛୁ ଛତ୍ରବଶ ଫିନ୍ଦୁଜଲେ ।
ଅନ୍ୟଜନମରେ ସୁବର୍ଣ୍ଣରମୀଳ ପ୍ରାପତ ହୋଇବ ବଲେ ।
ସମସ୍ତର ଅନ୍ତେ ଅନ୍ତଦନଯାନ୍ତେ ଦେଖିବୁ ଶ୍ରୀବନମାଳୀ ।
ଆମ୍ଭବର ତୋତେ ଅସ୍ତୁ ହେଉବୋଲି ଶଙ୍ଖେ ଜଳ ଦେଲେ ତୋଳି ।
ଋଷିଙ୍କର ବାଣୀ ବିବସ୍ତ୍ରତା ଶୁଣି ମନରେ ସନ୍ତୋଷ ହେଲା ।

ଜ୍ୟେଷ୍ଠଭ୍ରାତା ଶାପ ପ୍ରାପତ ହେବାରୁ ମର୍ତ୍ତ୍ୟପୁରେ ଜନମିଲା ॥
କୈବର୍ତ୍ତ ଗୃହରେ ଜନ୍ମହୋଇଥିଲ ପୂର୍ବ ହେତୁ କାଲପ୍ତ ।
ଏକ କାଳକାଳେ ସତ୍ୟ ତ ତରଳେ ବର୍ଜିତ ହୋଇଲ କାପ୍ତ ।
କୁମାର ଦୁହିତା ମାତା ପିତା ଭ୍ରାତା ଏମାନେ ହୋଇଲେ ନାଶ ।
ରମଣୀକୁ ଘେନି ଏକାନ୍ତେ ରହିଲ ନଳକୁବେରଙ୍କ ଶିଷ୍ୟ ॥
ଅଦାର୍ଦ୍ଧରିପଣେ ବୁଲେ ଏଣେତେଣେ ବର୍ଜ୍ଜିତ ହୋଇଲ କଷ୍ଟ ।
ଯଥାର୍ଥକାଳକୁ ଶାପଅନୁକ୍ରମେ ବେଳଇଣ୍ଡି ଗଲା ନଷ୍ଟ ।
ବେଲାବରେ ଅନ୍ନ ଅଟେ ବଡ଼ ଦୁଃଖ ଖାଇଭ କହ ନ ପାରେ ।
ସ୍ୱଚରଭତରେ ଦୁଃଖେ ସୁଖେ ଥାଇ ଶ୍ରୀରାମନାମ ଏକାଧରେ ।
ଭଳତରେ ଶୁଣି ମନେ ମନେ ଗୁଣି ସ୍ୱହସ୍ତୁ ବାହାର ହେଲା ।
ଶରଧାରେ ସେହି ରମା ହସ୍ତ ଧରି ନଦୀକୁ ଗାଧୋଇ ଗଲା ॥
ସ୍ନାହାନ କରିଣ ଆସିବା ସମୟେ ତନମଣି ଉଦେହେଲେ ।
ଶୁଭ୍ରଜଳ କୂପ ପଥମଧ୍ୟେ ଅଛି ରମଣୀ ଦେଖିଲା ତୋଳେ ॥
ତାହାପାଖେ ଯାଇଁ ନେଇ ସ୍ଥିର କରି ଜଳକୁ ଗୃହଁ ରହିଲା ।
କୂପଭିତରେ ମୀନ ଅଛି ଜାଣି ପତିଙ୍କ ଅଗ୍ରେ କହିଲା ॥
ତାହା ଶୁଣି ସ୍ୱାମୀ ବୋଲଇ ତରୁଣୀ କଣ୍ଠା ଗୋଟିଏ ଦୁ ଆଣ ।
ଏହି କୂପେ ଅଣି ବଡ଼ଶ ପାଇବା ଅବଶ୍ୟ ପଡ଼ିବ ମୀନ ॥
ଅଦ୍ୟ ଦିବସରେ ଉପବାସ ଅଛୁ ଖାଇବା ଯେ ଅନ୍ନ ନାହିଁ ।
ଉପାୟ କଲେ ଅବଶ୍ୟ ଦେଅନ୍ତି ଦଇବବନ୍ଧୁ ଗୋସାଇଁ ॥
ଏମନ୍ତ କହିଣ ସେଠାରୁ ଯାଇଣ ପ୍ରବେଶ ହେଲେ ଗୃହରେ ।
ପତିଜନେ ଅସ୍ତ୍ର ଥୋପକୁ ଗୁନ୍ଥିଣ ପାଇଲେ କୂପମଧ୍ୟରେ ॥
ଭିତ୍ତଳରେ ବସି କୃଷ୍ଣନାମ ଘୋଷି ଯୋଗଧ୍ୟାନ କଲା ସେଣୁ ।
ଅନଙ୍ଗ ରଞ୍ଜନ ଯଶୋଦା ନନ୍ଦନ ପ୍ରସନ୍ନ ହୋଇଲେ ତେଣୁ ॥
ଭକ୍ତଙ୍କର ଦୁଃଖ ଦେଖି ପଦ୍ମମୁଖ କୂପେ ଅସ୍ତ୍ର ଦଜେଦଲେ ।
ସୁବର୍ଣ୍ଣର ମୀନ ଗୋଟିଏ ହୋଇଣ ବଡ଼ଶ ଥୋପ ଗିଳିଲେ ॥
ଝିଙ୍କିଲେ ଗ୍ରହଣ ବଡ଼ଶକୁ ଧରି କହିଲେ ଏମନ୍ତେ ଜାଣୁ ।
ଅଞ୍ଜନସୁନ୍ଦରୁ ନ ଭଷଇ ବୋଲି ଉଶ୍ଚାଦ ହୋଇଲେ ତେଣୁ ॥

କୂପର ଭିତରୁ ସମ୍ମୁଖ ହୋଇଣ ଆଜ୍ଞାଦେଲେ ଚକ୍ରବାହା ।
ଶୁଣ ତୁହେ ଅଜ ଭାଗ୍ୟହେଲାପ୍ରାପ୍ତ ନୟନ ଦେଲି ତୁ ଚାହଁ ॥
ପ୍ରଭୁଙ୍କର ବାଣୀ ଦୁଃଖୀଅନ୍ଧ ଶୁଣି ନୟନ ଫିଟିଲା ଚାହେଁ ।
ଦେଖିଲା କଙ୍କଣ-ଖୋପରେ ଲାଗିଛି ସୁବର୍ଣ୍ଣ ହୀରା ଗୋଟିଏ ॥
ଅମୂଲ୍ୟ ରତନ ପୃଥିବୀରେ ନାହିଁ ଝଟକାଶି ଯାଉଛି ଶୋଭା ।
କୂପରଭିତରୁ ବାହାର ହୋଇଣ ଚତୁର୍ଭୁଜେ ହେଲେ ଉଭା ।
ପ୍ରସନ୍ନ ହୋଇଣ ଧୀବରକୁ ଚାହିଁ ବୋଇଲେ ସାରଙ୍ଗଧର ।
ବର ନ ମାଗିଣ କପାଁ ଭୁଲିହେଲୁ ଶୁଣ ହେ ଭକତବର ।
ଚକ୍ରବର୍ତ୍ତୀ କହେ ଶୁଣ ଭାବଗ୍ରାହୀ ଅନୁଗ୍ରହ କଲ ଯେବେ ।
କୋଟି ଗଜଲକ୍ଷ୍ମୀ ପ୍ରାପତ ହୋଇଛି କି ବର ମାଗିବି ତେବେ ॥
ଏବେ ଶ୍ରୀଚରଣେ ଚିତ୍ତ ରହୁ ମୋର ଅନ୍ୟ ନ ମାଗଇ ଆଉ ।
କୂପରଭିତରୁ ସମ୍ଭୂତ ହୋଇଲ କୂପାହିଙ୍ଗୁ ନାମ ହେଉ ॥
ଶ୍ରୀହରି ଶୁଣିଣ ହୃଦେ ଦୟାକରି ବୋଇଲେ ଏକଥା ସତ ।
ଭକ୍ତର ସେବା ମୁଁ ହୃଦରେ ଜାଣଇ ଯେ ମୋର ଯେଉଁ ଭକତ ॥
ଯେ ହେତୁ ମୁଁ ଆସି କୂପଜଳେ ପଶି ପ୍ରକାଶ ହୋଇଲି ଜାଣ ।
ଭକ୍ତରୂପଧରି ଲୋକେ ବରଦେବି ଏକଥା ମୋର ପ୍ରମାଣ ॥
ଏବେ ତୁମ୍ଭେ ଯାଇଁ ସନ୍ତୁଷ୍ଟ ହୋଇଣ ମନକୁ ତାପ ଉପେକ୍ଷ ।
କୋଟି ଗଜଲକ୍ଷ୍ମୀ ପ୍ରାପତ ହୋଇଛି ଗୃହକୁ ଯାଇଣ ଦେଖ
ଅମର ମଣ୍ଡଳେ ଭୁଞ୍ଜି ଦିବ୍ୟଭୋଗ ବହୁ ସମୟ ଅନ୍ତରେ ।
ଦେହଛାଡି ପୂର୍ବ ବାସନା ଦେଇଣ ବସିବୁ ବୈକୁଣ୍ଠପୁରେ ॥
ଏମନ୍ତରେ କହୁଁ ଭକ୍ତେ କହୁଁ କହୁଁ ଅନ୍ତର୍ଦ୍ଧାନ ହେଲେ ହରି ।
ଉଦ୍ଧବ ବୋଇଲେ କୂପାହିଙ୍ଗୁ ନାମ ଶୁଣ ଗୋପାଳଙ୍କ ନାରୀ ।
ଭକତମାନଙ୍କ ମାନଉଦ୍ଧାରିଣ ପଦରକମଳ ଭୋଳା ।
ଦୀନକୃଷ୍ଣଦାସ ସେପାଦେ ଥାଇଣ ଭାବକୁ ବାଛିଛି ଭେଳା ॥

ଦ୍ୱିତୀୟଛାନ୍ଦ ସମାପ୍ତ ।

ତୃତୀୟ ଛାନ୍ଦ ।

ହଂସା ଅହଙ୍କାର ପଦ୍ମପର ଭେଦ ଶବ୍ଦ ମିତ୍ର ନାହିଁ ଯାକୁ ।
ଅଶେଷ ବ୍ରହ୍ମାଣ୍ଡ ଯେ ପ୍ରଭୁ ଧରିଛୁ ବଳର ବହିଛୁ ତାକୁ ॥
ଗୋପୀଏ ବୋଇଲେ ତା କାହୁଁ ଜାଣିବା ମନରେ ବିଶ୍ୱାସ ନାହିଁ ।
ତୁମ୍ଭେ ଯେବେ ଜାଣ ତାହାଙ୍କ ମହିମା ବିସ୍ତାରି କୁହ ଗୋସାଇ ॥
ଉଦ୍ଧବ ବୋଇଲେ ଏକଥା କହିଲେ ମନେ ପ୍ରତେ ଯିବଟିକ ।
ଗୋପୀଏ କହିଲେ ଅନ୍ୟମନ ହେଲେ ହୋଇବୁ ମହାପାତକି ॥
ଉଦ୍ଧବ ବୋଇଲେ ଗୋପନାରୀମାନେ ଦୃଢ଼ଚିତ୍ତ କରି ଶୁଣ ।
ଯଥା ତ୍ୱରିତରେ ବିସ୍ତାରି କହିବା ପ୍ରଭୁଙ୍କ ମହିମା ଗୁଣ ॥
ଷଟୁଣ୍ଡସହସ୍ର ଯୋଜନ ଅଟଇ ପୃଥିବୀ ଦେବୀର ଦୀର୍ଘ ।
ତାହାଙ୍କ ଗର୍ଭକୁ ଶରବ ବନ୍ଧଣ ବହିଅଛୁ ସର୍ପରାଜ ॥
ବାସୁକୀଉତଳେ ଉର୍ମାଣ ଥୁରେକ କୂର୍ମ ତାହା ଅଛୁ ବହି ।
କୂର୍ମର ପୃଷ୍ଠରେ ବାସୁକୀ ରହିଛୁ ମୁଢାଳକୁ ପ୍ରାପ୍ତ ହୋଇ ॥
କୂର୍ମଉତଳେ ଯେ ଥୁରେକ ଉଥାଣ ଅନେକ ବିସ୍ତାର ଦମ୍ଭ ।
ଅଠଶ ଅଠାଶୀ ସହସ୍ର ଯୋଜନ ଅଟଇ ସେଥିର ଲମ୍ବ ।
ଶ୍ରୀନାରାୟଣଙ୍କୁ ମନେ ଭକ୍ତାବନ୍ଦ ମଣ୍ଡୂକ ଅଛୁ ତା ବହି ।
ମଣ୍ଡୂକୀ ପୃଷ୍ଠରେ କୂର୍ମ ରହିଅଛୁ ଉଲେଖ୍ୟପ୍ରାପ୍ତ ହୋଇ ॥
ମଣ୍ଡୂକୀଉତଳେ ଥୁରେକ ଉର୍ମିର ଜମ୍ବୁନଦସମ ବର୍ଣ୍ଣ ।
ପଞ୍ଚଦଶଲକ୍ଷ ସପତଅଯୁତ ପଞ୍ଚସହସ୍ର ଯୋଜନ ॥
ଶବ୍ଦ ମିଶ୍ର ପଦ୍ମପର ଭେଦ ନାହିଁ ସେଥିର ଲୋକଙ୍କ ଭବେ ।
ଦ୍ୱାଦଶଆଦିତ୍ୟ ଷୋଳକଳା ଚନ୍ଦ୍ର ଉଦୟାସ୍ତ ହୋନ୍ତି ନିତ୍ୟେ ॥
ଅତିମନୋହର ସେଥିର ସୁନ୍ଦର ବଚନେ ନହଇ କହି ।
ଅନନ୍ତ ଭୁଜଙ୍ଗ ଉପରେ ବସିଣ ଦଣ୍ଡୁ ଛାଙ୍କୁ ଛନ୍ତି ବହି ।
ତାହା ତଳଦେଶେ ଯେଥିର ଉର୍ମାଣ ଧବଳ ସମୁଦ୍ର ମଧ୍ୟେ ।
କ୍ଷୀରମାନଙ୍କର ଲହରୀ ଉଠୁଛି ଶତଦଯୋଜନ ଯାଏ
ପଞ୍ଚାଅଶୀକୋଟି ସହସ୍ର ଯୋଜନ ସେଥିରର ଦୀର୍ଘପ୍ରସ୍ଥ ।

ଚନ୍ଦ୍ର ରଶ୍ମି ପ୍ରାୟେ ଶୋଭା ପାଉଅଛି ଧବଳ ଫେଣର ତେଜ ॥
କୋଟିଏ ଯୋଜନ ବିସ୍ତାର ତହିଁରେ ପଦ୍ମବନ ଦିଶେ ଶୋଭା ।
ଦଶନସହସ୍ର ପାଖୁଡ଼ା ଫୁଟିଲ ପଦ୍ମଗୋଟିକର ପ୍ରଭା ।
ଷାଠିଏସହସ୍ର ଲମ୍ବ ସେ ଅଟଇ ଏକା ପଦ୍ମନାଡ଼ି ଗୋଟି ।
ସ୍ୱର୍ଗପୁର ତେଜ ଅଛିମି ରହିଛି ପାତାଳ ବୈକୁଣ୍ଠ ବେଢ଼ି ॥
ଅବସନ୍ତରେ ଯେ ବସନ୍ତ ବହଇ ଶିଶିର ନୁହଇ କ୍ଷୟେ ।
ସୁଗନ୍ଧ ଶୀତଳ ବାସ ଆମୋଦଇ ଚଉଦଭୁବନ ଯାଏ ॥
ସେହି ପଦ୍ମବନ ଭିତରୁ ପୂର୍ବେଣ ଲକ୍ଷ୍ମୀଦେବୀ ହେଲେ ଜାତ ।
କମଳାନାମ ତେଣୁ ସେ ପାଇଲେ ତ୍ରିଜଗତେ ଖ୍ୟାତ ॥
ସେହି ପଦ୍ମବନ ଭିତରେ ଅଛନ୍ତି ଅଷ୍ଟକୁଳନାମେ ଅହି ।
ଜନ୍ମମୃତ୍ୟୁ ନାହିଁ ପାଦପଦ୍ମ ସେବି ଅଛନ୍ତି ପରମଯୋଗୀ ।
କ୍ଷୁଧା ତୃଷା ନିଦ୍ରା ଇନ୍ଦ୍ରିୟବର୍ଜିତ ମହାପୁଣ୍ୟମୟ ଭୋଗୀ ।
ସନ୍ଧିବନ୍ଧିସଂଖ୍ୟ ସହସ୍ରଯୋଜନ ଅଟଇ ସର୍ପଙ୍କ ପିଠି ।
ମୁଖ ବିସ୍ତାରିଲେ କ୍ଷଣକ ଭିତରେ ବ୍ରହ୍ମାଣ୍ଡ ପାରନ୍ତି ଘୋଟି ॥
ସେ ମହାଧବଳ ସମୁଦ୍ରକୁ ଲାଗି ପଦ୍ମବନଅଛି ରହି ।
ପଦ୍ମମାନଙ୍କର ଉପରେ ଅଛନ୍ତି ଅଷ୍ଟକୁଳାନାମେ ଅହି ।
ନୀଳ ଶୁକ୍ଳ ପାଣ୍ଡୁ ହରିତାଳଦ୍ୟୁତି ପ୍ରାୟେ ଅଟେ ତାଙ୍କ ବର୍ଣ୍ଣ ।
ପୀତବର୍ଣ୍ଣ କୃଷ୍ଣ ପାଟଳ ପିଙ୍ଗଳ ଅଷ୍ଟକୁଳ ଶୋଭାମାନ ॥
ସେମାନଙ୍କ ତଳେ ଥିଲେକ ନିର୍ମାଣ କରନେ ନୁହଇ କଷ୍ଟ ।
ପାଦପଦ୍ମବେଢି ପଙ୍କଜ ହେବାକୁ ବାଞ୍ଛନ୍ତି ଅଛନ୍ତି ବହି
ତୁମ୍ଭେ ଅବା ବୋଲ କଳାପଙ୍କବୋଲି ଅଟଇ କେମନ୍ତ ଦ୍ରବ୍ୟ ।
ସେ କଥା ତୁମ୍ଭଙ୍କୁ ବୁଝାଇ କହିବା ଶୁଣ ଗୋପଙ୍ଗନା ସର୍ବ ।
ଭକ୍ତ ବନ୍ଧୁଙ୍କର ପଙ୍କଜରୂପକୁ ହୃଦେ ଅଛନ୍ତି ଧରି ।
ତାଠାରୁ ଅଧିକ ଏକସୁଖ ନାହିଁ ଶୁଣ ଗୋପାଳଙ୍କ ନାରୀ ।
ଆପଣାର ଯଶ ଭକତଙ୍କୁ ଦେଲେ ବେଦାବେଦ ନାହିଁ ବସ୍ତୁ ।
ଜୀବ ଆତ୍ମା ଦୁଇ ଭିନ୍ନ ଭିନ୍ନ ନାହିଁ ଭବନ୍ଦ ହୋଇଣ ଅଛି ।
ଏମନ୍ତ ବଚନ ଗୋପୀମାନେ ଶୁଣି ଆନନ୍ଦରେ ମତ୍ତ ହେଲେ ।

ଉତ୍ତରିଲ ବୋଲି ବେନିକରଯୋଡ଼ି ଉଦ୍ଧବ ପାଦେ ଲୋଟିଲେ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ନାଶିଲେ ଜନ୍ମର ଖେଦ ।
ତୁମ୍ଭେ ଏହିକଥା କେମନ୍ତେ ଜାଣିଲ ସପଟେଯାଭାଲଭେଦ ॥
ଉଦ୍ଧବ ବୋଇଲେ ଏକଦିନେ ଆମ୍ଭେ ପ୍ରଭୁଙ୍କ ସଙ୍ଗରେ ଥିଲୁଁ ।
ସ୍ନାହାନ ଭୋଜନ ଇତ୍ୟକର୍ମ ସାରି ନଗର ଭ୍ରମଣେ ଗଲୁଁ ॥
ମଣିମା ବୋଲଣ ସମସ୍ତେ ଡାକନ୍ତି ସିଂହଦ୍ୱାରେ ଉଭାହୋଇ ।
ପ୍ରଭୁପଦଶ୍ରୀରେ ନନେକଲବେଳେ ସମର୍ପିଲେ ଭୁଜଦ୍ଧଇ ।
ତବେ ବସୁଦେବ ଶ୍ରୀଭୁଜଦ୍ଧଇକୁ ସ୍ୱହସ୍ତେ ଟେକି ଧରିଲ ।
ମୋଠାରୁ ଭକତ କେହି ନାହିଁ ବୋଲି ମନରେ ଗର୍ବ କହିଲ ।
ଆପଣା ମନରେ ଏମନ୍ତ ବାଞ୍ଛିଲ କେହି ନୋହେ ମୋହେ ସରି ।
ଦୟା ନ ଥିଲେକ ଭୁଜସମର୍ପିଲେ ବ୍ରହ୍ମାଣ୍ଡଠାକୁର ହରି ॥
ଧନ୍ୟ ମୋ ଜୀବନ ଏଡ଼େବଡ଼ ପୁଣ୍ୟ ପ୍ରଭୁଙ୍କ କର ବହିଲ ।
ଭକ୍ତଙ୍କର ଶ୍ରେଷ୍ଠ ନୋହିଲେ କେମନ୍ତେ ଶ୍ରୀଭୁଜଙ୍କର ସହିଲ ॥
ମୋର ମନକଥା ହୃଦୟମଧ୍ୟରେ ଜାଣିଲେ ଶାରଙ୍ଗଧର ।
ଅନ୍ତର୍ଯାମିନାଥ ମନକଥା ଜାଣି ସ୍ୱଭୁଜ କାଢ଼ିନେଲେ କର ॥
ଶ୍ରୀକୃଷ୍ଣ ବୋଇଲେ ଶୁଣ ହେ ଉଦ୍ଧବ ମନରେ ଗରବ କଲୁଁ ।
ଅଳ୍ପ କଥାକୁ ତୁ ମନେ ଗର୍ବ ରଖୁଁ ହୃଦରେ କିଛି ନ ଭାଳୁ ॥
ଏ ଭୁଜ ମହିମା ଯେମନ୍ତେ ଅଟଇ ତୁମ୍ଭେତ ତାହା ନ ଜାଣ ।
ସୂକ୍ଷ୍ମରୁ ସୂକ୍ଷ୍ମହି ଲଘୁରୁ ଲଘୁହି ଭୁଜର ଏମନ୍ତ ଗୁଣ ॥
ତୁମ୍ଭେ ଯେ କହିଲ ମୁଁ ବଡ଼ ହୋଇଲେ ଭୁଜବହି ନ ପାରନ୍ତି ।
ତୁମ୍ଭଠାରୁ ମୋର କେତେକ ଭକତ ମହୀମଣ୍ଡଳେ ଅଛନ୍ତି ॥
ତାହାଙ୍କ ମହିମା ନ ଜାଣନ୍ତି ବ୍ରହ୍ମା ବଉନେ କହିଲ କହି ।
ଅଶେଷ ବ୍ରହ୍ମାଣ୍ଡେ ମୋହେ ଆଶ୍ରେକରି ସମସ୍ତେ ଅଛନ୍ତି ବହି ॥
ଭକ୍ତଙ୍କର ବନ୍ଧୁ ଦୟାମୟ ସିନ୍ଧୁ ଅନୁଗ୍ରହକଲେ ଯେଣୁ ।
ସେହିକ୍ଷଣେ ଶ୍ରୀକୃଷ୍ଣ ମୋତେ ଭାବିକରି ତତ୍ତ୍ୱାଦି କହିଲେ ତେଣୁ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ପ୍ରଭୁଙ୍କ ଭକତ ଗୁଣ ।
ତୁମ୍ଭେ ଯେଉଁକଥା ମୋତେ ପଚାରିଲ ତତ୍ତ୍ୱାଦି କହିଲ ଜାଣ ॥

ଗୋପୀଏ ବୋଇଲେ ଶ୍ରୀକୃଷ୍ଣ ଚରିତ ଯେତେକ କହିଲ ତୁମ୍ଭେ ।
କୋଟିଏ ଜନ୍ମର ପାପକ୍ଷୟଗଲା ନିସ୍ତାର ପାଇଲୁ ଅମ୍ଭେ ॥
ଯେତେ କଥା ତୁମ୍ଭେ ବିସ୍ତାରି କହିଲ ସବୁ ପୁରାଣ ଉକତ ।
ଅତି ଅଗୋଚର ମହିମା ତୁମ୍ଭରି ଶୁଣି ହୋଇଲୁଁ ମୁକତ ॥
ତୁମ୍ଭ ବାକ୍ୟ ଶୁଣି ଅମ୍ଭେମାନେ ଗୁଣି ଫିଟିଲା ମନ ସନ୍ଦେହ ।
କେତେଦିନେ ଏବେ ଶ୍ରୀକୃଷ୍ଣ ଆସିବେ ସେ କଥା ଅମ୍ଭଙ୍କୁ କୁହ ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ଅମ୍ଭଙ୍କୁ କହିଲ ଯାହା ।
କୃଷ୍ଣମାୟାଧର ମହିମା ଅପାର କେମନ୍ତେ ଜାଣିବା ତାହା ॥
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ସବୁଠାରେ ଛନ୍ତି ସେହି ।
ମନମଧ୍ୟେ ତାଙ୍କୁ ସର୍ବଦା ଭାବିଲେ ପ୍ରସନ୍ନ ହୁଅନ୍ତି ସେହି ।
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ କାହାର କିପାଁ ନ କର ॥
କର୍ଣ୍ଣଲା ପୁଅକୁ ଛୀର ନ ଦେଇଣ ଶୁମ୍ଭିଲେ ଯଥା କୁମାର ।
ସେହିମତି ସିନା ଅମ୍ଭର ମନକୁ ଭଗ୍ନ କରନ୍ତି ତୁମ୍ଭୁ ।
ଉଦାନ ମଡ଼ିକୁ ଦଧି କରି ତୁମ୍ଭେ ଏଡ଼େ ହୃଷ୍ଟପଣ କାହୁଁ ।
ଏ ତୁମ୍ଭର ବାଣୀ ସୁଧାରସ ମଣି କେତେହେଁ ଶୁଣିବା ଇଚ୍ଛା ।
ବେଦ ଶାସ୍ତ୍ର ପ୍ରାୟେ ଲକ୍ଷେ କହିଲ ଅମ୍ଭଙ୍କୁ ମାଡିଲା ଇଚ୍ଛା ॥
ଉଦ୍ଧବ କହିଲେ ଶୁଣ ଗୋପନାରୀ ନ ଜାଣି କହିଲ ମନ୍ଦ ।
ବ୍ରହ୍ମା ନ ଥିଲେ ଯେ ସଂସାର ନ ଥାନ୍ତା ଦେବଙ୍କୁ କିପାଁଇ ନିନ୍ଦ ।
ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଏତିକି ଦେବତା ଅନାଦି କାର୍ଯ୍ୟରୁ ଛନ୍ଦ ।
ତାହାଙ୍କୁ କେମନ୍ତେ ନିନ୍ଦା କରୁଅଛ ତୁମ୍ଭେ ବୋଲିବାକୁ ଡର ॥
ବିଧାତା ରଚନା ସମସ୍ତ ଚରିତ ତା ବିନୁ ସଂସାରେ କାହିଁ ।
ତୁମ୍ଭ ମୁଖରୁ ଯେ ଏମନ୍ତ ଶୁଣିଲୁ କେ ଅବା କହିବ ନାହିଁ ॥
ଦେବତାଙ୍କ ଦ୍ୱାରା ଈଶ୍ୱର ଅଟନ୍ତି ସେହି କି ହୋଇଲେ ସାନ ।
ମାତାଙ୍କୁ ନିନ୍ଦିଣ ମହାଦୋଷ ଲଭି ସାଧିଲେ ବ୍ରହ୍ମ ସେ ଜ୍ଞାନ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ଅନ୍ୟେ ଅମ୍ଭ କାର୍ଯ୍ୟ ନାହିଁ ।
ଈଶ୍ୱର କେମନ୍ତେ ମାତାଙ୍କୁ ନିନ୍ଦିଲେ ସେ କଥା କୁହ ଗୋସାଇଁ ॥
ଦେବଙ୍କ ଉପରେ ମହାଦେବ ନାମ ଜଗତେ ହୁଏ ବିଖ୍ୟାତ ।

ଏଡ଼େ ପ୍ରଭୁ ହୋଇ ମଦନକର୍ମ ବର୍ଷା କହିଲେ ପାର୍ବତୀ ନାଥ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାଥ ବ୍ରହ୍ମପୁରାଣର କଥା ।
ତାହାଙ୍କଠାରେ ମୁଁ ବ୍ୟାଖ୍ୟା କହିନାହିଁ ଏମହାଗୁପତ ବାର୍ତ୍ତା ॥
ତୁମ୍ଭେ ଯେବେ କଥା ସଂକ୍ଷେପି ଶୁଣିବ କହିବା ତହିଁର ବାଣୀ ।
ସୁବ୍ରଣପଣରେ ତୁମ୍ଭଙ୍କୁ କହିବୁ ଯେବେ ଦୂର ଅମ୍ଭେ ଜାଣି ॥
ଛିଡ଼ ଉତପତ ପ୍ରଳୟ ହୋଇ ଯେ ଦକାଣିଲା ପୂର୍ଣ୍ଣମୟ ।
ସ୍ଥଳଜଳରେ ଜୀବଜନ୍ତୁମାନେ ସମସ୍ତ ହୋଇଲେ କ୍ଷୟ ॥
ଏକମାତ୍ର ପ୍ରଭୁ ଅନାଦ୍ୟ ଅଛନ୍ତି ଅନ୍ନପୂର୍ଣ୍ଣାଙ୍କୁ ସେ ଘେନି ।
ମଦନବାଣରେ ମତ୍ତଭୋଳ ହୋଇ ସୁରତି କରନ୍ତି ବେନି ।
କାମେ ଅସାଧ୍ୟମ ହୋଇ ମହାପ୍ରଭୁ ଦେବତାଙ୍କ ଦେବରାଜ ।
ରମଣ କାଳରେ ମହାପ୍ରଭୁଙ୍କର ଶ୍ରୀଅଙ୍ଗୁ ଖସିଲା ବୀଜ ॥
ଦେଖିଣ ଅନାଦ୍ୟ ତୋଳିଣ ଧଇଲେ ଶରଧା ଯୁଗତେ ବହି ।
ନଖଅଗ୍ରେ ତିନି ଗାର କାଟିଦେଲେ ଗାୟତ୍ରୀ ମନ୍ତ୍ରକୁ ପଢ଼ି ॥
ବ୍ରହ୍ମାର ଗାୟତ୍ରୀ ବିଷ୍ଣୁର ଗାୟତ୍ରୀ ଶିବ ଗାୟତ୍ରୀକୁ ଘେନି ।
ମନ୍ତ୍ର ଅନ୍ବେଷିଣ ଲୟ କଲେ ତହିଁ ଜାତକଲେ ସୃଷ୍ଟି ତିନି ।
ବ୍ରହ୍ମାଙ୍କୁ ବୋଇଲେ ତୁ ଯାଇ ହୋଇବୁ ଜଗତଜନଙ୍କ ପିତା ।
ବିଷ୍ଣୁଙ୍କୁ ବୋଇଲେ ତୁମ୍ଭଙ୍କୁ ଲାଗଇ ବ୍ରହ୍ମାଣ୍ଡ ପାଳିବା ଚିନ୍ତା ॥
ଈଶ୍ବର ବୋଇଣ ଯେଉଁ ସୃଷ୍ଟି ଗୋଟି ବେଢ଼ିଲେ ଅଟଇ ସାନ ।
ମାତାଙ୍କୁ ଦେଖିଣ କାମଜ୍ବର ହେଲା ପଞ୍ଚମୁଖ ତ୍ରିଲୋଚନ ॥
-ସ୍ବୟଂ ସଦାଶିବ ଉଲଗ୍ନ ହୋଇଲେ ଭକ୍ତେ ଦେଖିଛନ୍ତି ଲଜ
ମାତାଙ୍କ ସଙ୍ଗରେ ରମଣ କରନ୍ତି ନବଯୁବା ଗଲା ବହି ॥
କଳ୍ପକାଳ ଯାଏ କେତେ ସୁରପତି ଯୋଗ ହୋଇଲା ଅପାର ।
ଜଗତର ମୁଖେ ଛନ୍ଦାବାଣୀ ଶୁଣି ରମଣ ଛାଡ଼ିଲେ ହର ॥
ମାତା ମୁଖ ଚାହିଁ ବିଷ୍ଣୁ ଆଜ୍ଞାଦେଲେ ଶୁଣ ଗୋ ଅନାଦ୍ୟ ରମା ।
ଏଡ଼େ ପ୍ରଭୁଙ୍କର ନାରୀ ହୋଇ ତୁମ୍ଭେ ହୋଇଲ କିଃପା କାମା ॥
ବାଳକ ସ୍ବଭାବ ଅଟେ ତାହାଙ୍କର ତୁମ୍ଭେ ଅଟ ମହାଜ୍ଞାନୀ ।
ମାତା ହୋଇ ପୁଣି ସୁରତି କରିଛ ଏହି ଯଉବନ ବେଳ ॥

ବିଷ୍ଣୁଙ୍କ ବଚନେ ଅଷ୍ଟମାତା ବୋଲେ ଶୁଣ ହେ ବାଳକ ଶିଷ ।
ପ୍ରାଣୀମାନଙ୍କର ପ୍ରକୃତ ଚଞ୍ଚଳ ଚରିତ୍ର ଜାଣିବା କିସ ।
ତୁ ଅମ୍ଭ ନନ୍ଦନ ସୁବୁଦ୍ଧି ସୁଜ୍ଞାନ ଦୟାନିଧି ଦିବ୍ୟ ତନୁ ।
ମୋହର ତୁଲ୍ୟ ମୋତେ ବଳାଇଲା ଯୋଗୀକୁ କିପାଇଁ ବାନ୍ଧୁ ।
ଏହି ଯୋଗୀରେ ତୁ ଜନମ ହୋଇଣ ଛନ୍ଦା କଲୁ ଯେବେ ବାପ ।
ଜନନୀ ଯୋଗୀକୁ ଛନ୍ଦା କରିଲୁ ତୁ ତୋତେ ପଡ଼ୁ ମୋର ଶାପ ॥
ଶତ ଜନ୍ମ ଯାଏ ଏହି ଯୋଗୀରେ ତୁ ଜନମ ହୋଇଣ ଥାଅ ।
ମାତା ଗର୍ଭେ ଥାଇ ଲାଲ ମୂଷ ହୋଇ ନାନାକଷ୍ଟେ କ୍ଳେଶ ପାଅ ॥
ଏତେ ବୋଲି ମାତାପଛକୁ ନ ଦୃଷ୍ଟି ତତକ୍ଷଣେ ଶାପଦେଲେ ।
କହୁଁ କହୁଁ ଦେଖା ଉପ୍ରୋଧ ଛାଡ଼ିଣ ଅନ୍ତର୍ଦ୍ଧାନ ହୋଇଗଲେ ॥
ଅଷ୍ଟମାତାଙ୍କର ଅନ୍ତର୍ଦ୍ଧାନ ଦେଖି ତାପକଲେ ହୃଷୀକେଶ ।
ବ୍ରହ୍ମାଙ୍କୁ ବୋଇଲେ ଆଉ କପାଁ ଥିବା ବୈକୁଣ୍ଠକୁ ଯିବା ଆସ ॥
ଏତେ ବୋଲି ପ୍ରଭୁ ଜ୍ୟେଷ୍ଠଭ୍ରାତା ଘେନି ବିଜେକଲେ ପଦ୍ମଆଖି ।
ଈଶ୍ବରଙ୍କ ମୁଖ କ୍ଷଣେ ନ ଚାହିଁଲେ ଅଲଙ୍ଘିତ କର୍ମ ଦେଖି ॥
ଦେବାଧିଦେବଙ୍କ ଠାକୁର ହୋଇଣ ଏଡ଼େ ହୀନ କର୍ମ କଲ ।
ଧିକ ହେବ ତୁମ୍ଭ ଈଶ୍ବରର ପଣ ଯୋଡ଼ିଯାଉ ସାର୍ଯ୍ୟବଳ ।
ଅମ୍ଭେ ଦେଖିଲୁ ତୋ ମୁଖ ନ ଚାହିଁ ଯାଉଅଛୁଁ ସ୍ବର୍ଗପୁର ।
ତୁ ଏବେ କାହାର ମୁଖ ନ ଚାହିଁ ରୁ ଅଗ୍ନି ଜାଳି ପଶି ମର ॥
ବ୍ରହ୍ମାଙ୍କର ବାଣୀ ସଦାଶିବ ଶୁଣି ଯେଉଁ ନ କହିଲେ କଥା ।
ଅନ୍ତର୍ଗତେ ପୁଣି ଦେବଶିରୋମଣି ପାଇଲେ ବହୁତ ବ୍ୟଥା ॥
ଈଶ୍ବର ବୋଇଲେ ଅନେକ ଧିକାର କଲେ ମୋତେ ଅଷ୍ଟବସୁ ।
ତାହାଙ୍କ ବୋଲରେ ଆଉ କଷ୍ଟ ହେବ ଅମ୍ଭେ ଯାହା କର୍ମଅଛୁଁ ॥
ଏତେ ବୋଲି ପୁଣି ଅମର ପୁରକୁ ଗମନକଲେ ଦେବତାଣୀ ।
ଦେଖିଲେ ସ୍ବର୍ଗରେ ସୁଧର୍ମାସଭାରେ ଦେବଗଣେ ଛନ୍ତି ବସି ।
ଈଶ୍ବରଙ୍କୁ ଚାହିଁ ହେଠମଥା ହୋଇ ରହିଲେ ଦେବତା ବୃନ୍ଦ ।
ବୋଇଲେ ଏ ପାପୀ ମୁଖ ନ ଚାହିଁବା ମାତାଙ୍କୁ କହିଛୁ ମନ୍ଦ ॥
ଛିଃ ଛିଃ ବୋଲି ଗୋବିନ୍ଦ ସୁମନ୍ଦ ଧର୍ମକୁ କରନ୍ତି ସାକ୍ଷୀ ।

ଏତକୁ ଅନେକ ମୌନବ୍ରତ ହୋଇ ସମସ୍ତେ ରହିଲେ ଅଛି ।
ଦେବତାଙ୍କ ଖେଦ ଦେଖି ପଶୁପତି କହିଲେ ମଧୁର ଭାବେ ।
ବୋଇଲେ ଏ ଲାଜ ମରଣୁ ବଳିଲା କିରୂପି ତରିବା ଏବେ ॥
ଧର୍ମଶୂନ୍ୟଙ୍କୁ ବିଚାର କରନ୍ତେ ସଂସାର ଉଦାରେ ମଲୁ ।
ଈଶ୍ୱର ବୋଇଲେ ତାହିଁ ଅଛୁ ପାର ଅତହୁଁ ଅଗାଧ କଲୁ ।
ଏହି ଜଗତର ମଧ୍ୟରେ ଆମ୍ଭଙ୍କ ଲଙ୍ଘିବାକୁ କେହି ନାହିଁ ।
ଏକମାତ୍ର ପ୍ରଭୁ ଅନାଦି ଅଛନ୍ତି ତାହାଙ୍କ ନିକଟ ଯାଇ ।
ସେ ପାପୀମାନଙ୍କ ନାମ ଉଚ୍ଚାରଣ କରନ୍ତ ପଙ୍କଜ ଲୋଚା ।
ଦୁଷ୍ଟନାଶନ ତାହାଙ୍କ ମହିମା ବଦନ୍ତଲଦ୍ଧିକୁ ଥିଲା ॥
ଅଶେଷ ବ୍ରହ୍ମାଣ୍ଡେ ଜୀବଅଧିପତି ଅଣାକାର ଜ୍ଞାନମୟ ।
ସେ ଅବା ବୋଇବେ ପ୍ରାୟଶ୍ଚିତ୍ତ କଲେ ପାତକ ହୋଇବ କ୍ଷୟ ।
ଏତେ ବୋଲି କାଶୀ କୁଞ୍ଜରେ ବସି ପ୍ରଭୁଙ୍କ ସମ୍ମୁଖ ଗଲେ ।
ଖଣ୍ଡେଦୂରେ ଥାଇ ବେନି କରଯୋଡ଼ି ଦଣ୍ଡ ନମସ୍କାର କଲେ ।
ମହାଦେବଙ୍କର ନମସ୍କାର ଦେଖି ଆଜ୍ଞାଦେଲେ ଜଗନ୍ନାଥ ।
ଅଭୀଷ୍ଟ କଲ୍ୟାଣ ପ୍ରାପ୍ତ ହେଉ ତୋତେ ଉଠ ଉଠ ବାଲ ଶିଷ ॥
ଈଶ୍ୱର ବୋଇଲେ ଶୁଣିମା ଅନାଦି ତୁମ୍ଭର ସଂସ୍କୃତ ସେବେ ।
ଯାହାଙ୍କ ଦର୍ଶନ ମହାପାପୀ ହେଲ ନାହିଁ କର ପ୍ରଭୋ ଏବେ ॥
ସ୍ଥାବର ଜଙ୍ଗମ ସୃଷ୍ଟି ପଦାର୍ଥ ତୁମ୍ଭେ ଯେ ସବୁଦ୍ଧି ଈଶ ।
ବେଣୁକରି ପ୍ରଭୋ ଗୁହାରି କଲଇ ଅଧିକ କହିବି କିସ ।
ଈଶ୍ୱର ବଚନେ ଅନାଦି ବୋଇଲେ ଶୁଣ ତୁହେ ସଦାଶିବ ।
ଅଜ୍ଞାନେ ତୁମ୍ଭେ ଯେ ପାପକୁ ଅର୍ଜିଲ ଥିବାର ଶୁଣିଲେ ଯିବ ।
ଶ୍ରୀମହାପୁରାଣ ଗ୍ରନ୍ଥକୁ ଶୁଣିଲେ ଏ ପାପ ହୋଇବ ଦହି ।
ଯେମନ୍ତ ପାପକୁ ଯେଉଁ ପ୍ରାୟଶ୍ଚିତ୍ତ ତାହା ଦେବା ତୋତେ କହି ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ବ୍ରହ୍ମହତ୍ୟା ଯେବେ କରି ।
କୋଟି ଅଶ୍ୱମେଧ ଯାଗ ପୂର୍ଣ୍ଣ କଲେ ତେବେ ସେ ଏ ପାପୁଁ ତରି ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ମଦ୍ୟ ଯେଉଁ ଲୋକ ଖାଏ ।
ଗଙ୍ଗାସାଗରରେ ଝାସ ଦେଲେ ଯାଇ ତେବେ ସେ ପାତକ ଯାଏ ॥

ଅନାଦି ବୋଲନ୍ତି ଶୁଣ ହେ ଈଶ୍ୱର ଗୋହତ୍ୟା କରନ୍ତି ଯେବେ ।
କୋଟିଏ ଗୋଧେନୁ ବିପ୍ରେ ଦାନ ଦେଲେ ସେ ପାପ ଛାଡ଼ଇ ତେବେ ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ଗର୍ଭହତ୍ୟା ହୁଏ ନର ।
ଜଳଦାନ ଦେଲେ ସେ ପାପ ଛାଡ଼ଇ ଶୁଣ ତୁ ଦେବ ଶଙ୍କର ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର କନ୍ୟା ଯେବେ ବିକାକର ।
ବିଷ୍ଣୁ ପ୍ରୀତି ଅର୍ଥେ ଧର୍ମ ଆଚରିଲେ ତେବେ ସେ ପାପରୁ ତର ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ଶିଶୁ ଯେବେ ନାଶକର ।
ସେ ମହାପାପରୁ ମୁକତି ହୁଅଇ ପ୍ରାଣିଙ୍କି ତେବେ ଉଦ୍ଧାର ।
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ଋଣ ନ ସୁଝଇ ଯେବେ ।
ଶିରକୁ କାଟିଣ ଅନଳେ ଝାସିଲେ ସେ ପାପ ଛାଡ଼ଇ ତେବେ ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ମିତ୍ରକୁ ଦ୍ରୋହ ଅଚଳେ ।
ମକରମାସରେ ତୀର୍ଥ ସ୍ନାନକଲେ ସେ ପାପ ଛାଡ଼ଇ ବଳେ ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ମହାବନ୍ଧନ ଯେ କାଟି ।
ଜଳକୁ ନେଇଣ ଅଧର୍ମ କହିଲେ ତେବେ ସେ ଏ ପାପୁଁ ଫିଟି ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ଗୁପତ ତତ୍ୱ କହନ ।
ମାତାରହରଣ ମହାପାପ ଛଡ଼େଇ ସାଧିଲେ ଯେ ବ୍ରହ୍ମଜ୍ଞାନ ॥
ମାତାଙ୍କହରଣ ଉତ୍ତମ ଲକ୍ଷଣ ନରକେ ହୁଅନ୍ତି ବନ୍ଦ ।
ତୁ ଯେବେ ଏ ପାପୁ ଉଦ୍ଧାର ହୋଇବୁ ବ୍ରହ୍ମଜ୍ଞାନ ବେଗେ ସାଧ ॥
ଅନାଦି ବଚନେ ଈଶ୍ୱର ବୋଇଲେ ଶୁଣିମା ତ୍ରିଦଶସାଇଁ ।
ଅତି ଦୁସ୍ତର ଯେ ମୋତେ ବ୍ରହ୍ମଜ୍ଞାନ କେମନ୍ତେ ସାଧିବି ମୁହିଁ ॥
କେମନ୍ତେ ଆସନ କେଉଁମତେ ଧ୍ୟାନ କେମନ୍ତେ ତାହାଙ୍କୁ ପୂଜା ।
ତୁମ୍ଭେ ମହାଗୁରୁ ମୁଁ ତୁମ୍ଭର ଶିଷ୍ୟ କହନ୍ତି ଦେବାଧିରାଜା ॥
ସୁର ନର ବ୍ରହ୍ମା ଏମାନେ ସେବିଲେ ଯେଉଁ ପାଦପଦ୍ମ ତୁଳ ।
ତୁମ୍ଭ ବିନୁ ମୋର ଅନ୍ୟ କେହି ନାହିଁ ପାଦେଲେ ରଖ ଗୋସାଇଁ ॥
ଅନାଦି ବୋଇଲେ ଶୁଣ ହେ ଈଶ୍ୱର ବୁଦ୍ଧିତ ଯେବେ କହିବୁ ।
ମହାବ୍ରହ୍ମଜ୍ଞାନ ଉପଦେଶ ଦେଇ କର୍ତ୍ତମାର୍ଗରେ କହିବୁ ॥
ଏମନ୍ତ ବୋଲିଣ ଅନାଦିସ୍ୱରୂପ ସୁଫଳ ବାଞ୍ଛା କହିଲେ ।

ଈଶ୍ୱରଙ୍କ କର୍ଣ୍ଣେ ମନ୍ତ୍ର ଉଚ୍ଚାରଣ ପରମ ଦୀକ୍ଷାକୁ ଦେଲେ ।
ଅନାଦ ବୋଇଲେ ଶୁଣ ହେ ଈଶ୍ୱର ପବିତ୍ର ହୋଇଲା କର୍ଣ୍ଣ ।
ଗୁରୁଙ୍କ ଦର୍ଶନେ ପାପ ନାଶଗଲା ଏବେ ସାଧ ବ୍ରହ୍ମଜ୍ଞାନ ॥
ମୂଳର କମଳ ଚତୁର୍ଦ୍ଧ ପାଖୁଡ଼ା ଯେ ମେଘାସ୍ଥଳେ ମନଦେଲା ।
ନାଶୀ ବାମ୍ଭ ରୁଦ୍ର ତ୍ରିବେଣୀ ସ୍ଥାନରେ ଚତୁଷ୍ଟେ ରହେ ଅଙ୍ଗୁଳା ॥
ତଳର କମଳ ଛଗୋଷ୍ଠା ପାଖୁଡ଼ା କହିବା ତହିଁର ଗତି ।
ଷଡ଼ଚକ୍ର ଯେଉଁ ଆସନେ ବସିଛୁ ବଜ୍ରିତୁଣ୍ଡ ଗଣପତି ॥
ତାହାର ତଳରେ ଅଷ୍ଟମ ପାଖୁଡ଼ା ଲିଙ୍ଗକମଳର ସାଜ ।
ଏହା ହେଲୁଟର ବୋଲିଣ ବୋଇଲେ ଦେବତାଙ୍କ ଦେବରାଜ ॥
ନାଭିରେ କମଳ ଅଟେ ଦଶଦଳ ବ୍ରହ୍ମା ସାବିତ୍ରିଙ୍କ ସ୍ଥାନ ।
ହୃଦରେ କମଳ ଦ୍ୱାଦଶ ପାଖୁଡ଼ା ଲକ୍ଷ୍ମୀ ଯେଉଁ ଭଗବାନ ॥
ତାହାର ତଳରେ ଷୋଡ଼ଶ ପାଖୁଡ଼ା କଣ୍ଠ କମଳରେ ସ୍ଥିତି ।
ନୀଳକଣ୍ଠେଶ୍ୱର ପାର୍ବତୀଙ୍କୁ ଯେଉଁ ପରମ ଆନନ୍ଦ ମତି ।
ତ୍ରିକୂଟେ ବେଲ ହଂସା ଅଛୁ ଯେଉଁ ବଇନେ ନୁହଇ ବନ୍ଧ ।
ଝିଲ୍ଲି ବୋଲି କହି ଏ ବେଲ ଅକ୍ଷର ଶୂନ୍ୟରେ ଅଛନ୍ତି ରହ ।
ଯୁଗେ ଯୁଗେ ପଣି ଖୋଜ ଏମାନଙ୍କ ପୂଜା ଆସନରେ ବସି ।
ମନ ଚେତନକୁ ଦୃଢ଼କରି କର ପଶ୍ଚିମ ଦର୍ଶନେ ପଶି ॥
ସହସ୍ର କମଳଦଳ ଅଛୁ ଯହିଁ ତହିଁ ଯୋଗ କର ଲକ୍ଷ୍ୟ ।
ଆପଣାରଠାରେ ଆପଣାକୁ ଦେଖ ପୂର୍ଣ୍ଣାନନ୍ଦ ଜ୍ୟୋତିର୍ମୟ ॥
ଉଡ଼ନ୍ତା ପକ୍ଷୀକୁ ଧରି ନ ମାରିବ ଜନ୍ତୁ ନ କରିବ ବନ୍ଧ ।
ମାତାଙ୍କ ହରଣ ପାପ ନାଶଯିବ ଏହିପ୍ରକାରେଣ ସାଧ ॥
ଏମନ୍ତେ ତାହାଙ୍କୁ ଜ୍ଞାନପଥ କହି ହୁତୁ ହେଲେ ଅନ୍ତର୍ଦ୍ଧାନ ।
ଗଙ୍ଗାର କୂଳକୁ ଯାଇଁ ବିଶ୍ୱନାଥ ଗୁରୁଙ୍କ କଲେ ଦର୍ଶନ ॥
ଜ୍ଞାନାଦ ପଞ୍ଚମ ଇନ୍ଦ୍ରିୟ ନିରୋଧ ମନ୍ତ୍ରସିଦ୍ଧି କଲେ ଯେଣୁ ।
ଜ୍ଞାନଅନଳରେ ପାପକୁ ଦହିଣ ମୁକତି ଲଭିଲେ ତେଣୁ ॥
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ଅନାଦ କହିଲେ ଯାହା ।
ଶିବ ଜ୍ଞାନମାର୍ଗେ ଅମର ହୋଇଲେ ତୁମ୍ଭେ ହେଉଛର ତାହା ॥

ଜ୍ଞାନମାର୍ଗେ ସିଦ୍ଧି ହେଲେ ଦେବବୃନ୍ଦ ଏଥକୁ ନକର ହେଲା ।
ବୈକୁଣ୍ଠ ପାବନ୍ତି ଦୃଢଭଦହନ ଅର୍ଣ୍ଣବେ ଭଅନ୍ତି ଭେଳା ॥
ତୁମ୍ଭେ ଗୋପୀମାନେ ସ୍ଥିରକର ମନ ଅମ୍ଭେ ଯାଉଅଛୁଁ ଚଳ ।
ମଧୁବନେ ଯାଇଁ ଦର୍ଶନ କରିବୁ ଦୀନବନ୍ଧୁ ବନମାଳୀ ॥
ତୁମ୍ଭଙ୍କୁ ଦେଖିଣ ସୁଖୀ ମୁଁ ହୋଇଲି ଅଧିକ କହିବ କେତେ ।
ଈଶ୍ୱର ତୁଲ୍ୟ ମୁଁ ଅଟେ ମହାପାପୀ ଦୟା କରିଥିବ ମୋତେ ॥
ଗୋପୀଏ ବୋଇଲେ ଶୁଣ ହେ ଉଦ୍ଧବ ଅମ୍ଭେମାନେ ଅଟୁ ମନ୍ଦ ।
ଶ୍ରୀକୃଷ୍ଣଙ୍କ ଗୁଣ କେତେ ସୁମରିବା ଦେବାଇଣି ନାହିଁ ଛନ୍ଦ ॥
ଆମ୍ଭପାଇଁ ତୁମ୍ଭେ ପରିଶ୍ରମ କରି ପ୍ରଭୁଙ୍କୁ କହିବ ଯାଇଁ ।
ବୋଇବ ତୁମ୍ଭଙ୍କୁ ଗୋପନାରୀମାନେ ବାରତା ଅଛନ୍ତି ଦେଇ ॥
ଈଷ୍ୟ ହୋଇ ଅମ୍ଭେ ଅପରାଧ କଲୁ ପ୍ରଭୁ ତା ନ କଲେ କ୍ଷମା ।
ଯାହା ଦେଖିଯାଇ ମଥୁରା ରହିଲେ ନ ମାଡିଲେ ଗୋପ ସୀମା ।
ପ୍ରଭୁ ହୋଇ କୃପା କରିବାର ନ କଲେ କେଉଁ ଦୋଷ ଅମ୍ଭେ କଲୁ ।
ତୁମ୍ଭେତ ଆମ୍ଭଙ୍କୁ ଭରଣ କରିଲ କୁଥାରେ ଗଣ୍ଠି ହୋଇଲୁ ॥
ଏକଥା ତାହାଙ୍କୁ ପ୍ରବୋଧି କହିବ ବୁଝିବେ ସେହି ଯେମନ୍ତ ।
ଯାହାକୁ ଯେ'ଷର ତାହାକୁ ନାଶଇ ଅଛୁଇ ଶାସ୍ତ୍ରେ ଏମନ୍ତ ।
ତାହାଙ୍କ କହିବ ଯେବେ ନ ଆସିବେ ତେବେ ଅମ୍ଭେମାନେ ଯିବୁଁ ॥
ପାଦପଦ୍ମ ଥରେ ଦର୍ଶନ କରିଲେ ଅମ୍ଭେମାନେ ମୁକ୍ତ ହେବୁଁ ।
ଉଦ୍ଧବ ବୋଇଲେ ଶୁଣ ଗୋପନାରୀ ତୁମ୍ଭେ କହୁଅଛ ଯାହା ।
ତୁମ୍ଭମାନଙ୍କ ସେ ଅବଶ୍ୟ ଜାଣନ୍ତି ଅନ୍ତର୍ଯ୍ୟାମି ଚକ୍ରବାହା ॥
ଏବେ ତୁମ୍ଭେ ମୋତେ ପାଦପଦ୍ମେ ରଖ ଅମ୍ଭେ ଯେ ଗମନ କରୁଁ ।
ଅବସୂତରଣ ସରୋଜ ଦର୍ଶନେ ଜନ୍ମର ଦୁରିତ ହରୁଁ ।
ଗୋପୀଙ୍କୁ ପ୍ରବୋଧି ଉଦ୍ଧବ ରଥରେ ମଥୁରା ହେଲେ ପ୍ରବେଶ ।
ଦୀନବନ୍ଧୁ ପଦେ ଶରଣ ମାଗଇ ଭବେ କହେ କୃଷ୍ଣଦାସ ॥
ଅମୃତପୟୋଧି ଶ୍ରୀକୃଷ୍ଣ ଚରିତ ତାହାଙ୍କୁ ଉପମା ନାହିଁ ।
ଗୁଣାର୍ଣ୍ଣବ ବୋଲି ଯାହାଙ୍କ ମହିମା ଉପେକ୍ଷି କହିବା କାହିଁ ॥
ଭକତଙ୍କ ହିତେ ମୋର ହୃଦଗତେ ସ୍ଫୁରଣ ହୋଇଲା ଯାହା ।

ଶ୍ରୀଜଗନ୍ନାଥଙ୍କ କରୁଣା ନ ଥିଲେ ମୁଁ କାହୁଁ ବର୍ଣ୍ଣିବ ତାହା ॥
ହେ ପ୍ରଭୁ ଯହୁଁ ମୋ ହୃଦେ ବଳେ କଲେ ପୂର୍ଣ୍ଣ ହେଲା ଏହି ପଦ ।
ସନ୍ଥଜନ ଅଗେ ବୃନ୍ଦୁପ କରିଛି ଦଣ୍ଡପ୍ର ଦଣ୍ଡକୁ ଗଦ ॥
ସାଧୁଜନମାନେ କବିର ଦୂଷଣ ଦୋଷ ନ ଘେନିବେ ମୋର ।
ଦୀନକୃଷ୍ଣଦାସ ଭାବରେ ଭଣିଲେ ଶ୍ରୀକୃଷ୍ଣ ପାଦେ ଭଜର ।

ଇତି ଗୁଣସାଗର ସମାପ୍ତ ।

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ନିମ୍ନଠିକଣାରେ ବିକ୍ରୟାର୍ଥେ ପ୍ରସ୍ତୁତଅଛି ।

ବଡ଼ ଜୈମିନି ଭାରତ	ଟ ୧ ୷	ଷଡ଼ମ ଦେବୀ ଗୀତା	ଟ ୦ [illegible]
,, ଏକାଦଶସ୍କନ୍ଧ	ଟ ୦ [illegible]	,, ଗୁଣ୍ଡିଚା ବିଜେ	ଟ ୦ [illegible]
,, ଦଶମସ୍କନ୍ଧ ଗୋପଲୀଳା	ଟ ୦ ୧	,, ଶ୍ରୀଶାନ୍ତିପାଠ	ଟ ୦ [illegible]
,, ,, ଦ୍ୱାରକାଲୀଳା	ଟ ୦ ୷	,, ହନୁମାନସ୍ତୁତି	ଟ ୦ [illegible]
,, ପଦ୍ମପୁରାଣ	ଟ ୦ ୷	,, ସତ୍ୟାଶ୍ରମୀତା	ଟ ୦ [illegible]
,, ଲଙ୍କା ରାମାୟଣ	ଟ ୦ ୷	,, ଶ୍ରୀଜଗନ୍ନାଥ ଓ ନିତ୍ୟକର୍ମ	ଟ ୦ [illegible]
ବଭ୍ରୁବାହନ ଯୁଦ୍ଧ	ଟ ୦ [illegible]	,, ଲକ୍ଷ୍ମୀପୁରାଣ	ଟ ୦ [illegible]
,, ଗଙ୍ଗାମାହାତ୍ମ୍ୟ	ଟ ୦ ।	,, ସଙ୍ଗୀତ ରତ୍ନମାଳା	ଟ ୦ [illegible]
,, ମଥୁରାମଙ୍ଗଳ	ଟ ୦ [illegible]	,, ଦଣ୍ଡ ଯାତ୍ରା	ଟ ୦ [illegible]
,, ଗୁପ୍ତାପଦ୍ମିନି	ଟ ୦ [illegible]	,, ବର୍ଣ୍ଣବୋଧକ	ଟ ୦ [illegible]
,, ବିଷ୍ଣୁପୁରାଣ	ଟ ୦ ।	,, ଗୋପୀଭାଷା	ଟ ୦ [illegible]
,, କାର୍ତ୍ତିକାଭକ୍ତି ୧ ଅଂଶ	ଟ ୦ [illegible]	,, କୋଇଲିମାଳିକା	ଟ ୦ [illegible]
,, ,, ୨ୟ	ଟ ୦ ୧	,, ସବଶବଚ	ଟ ୦ [illegible]
,, ଗଣେଶ ବିଭୂତି	ଟ ୦ ।	,, ଅବଧଭ୍ରାଣ	ଟ ୦ [illegible]
,, ଶୀତଳୋବଳ	ଟ ୦ ।	,, ଭକ୍ତି ଶାସ୍ତ୍ରମାଳା	ଟ ୦ [illegible]
,, ଦ୍ରୁତ୍ୟୋଦଣ୍ଡକ	ଟ ୦ [illegible]	,, ଭଜନମୁରଲୀସଙ୍ଗୀତ	ଟ ୦ [illegible]
,, ଦଶଅବତାର ଲୀଳା	ଟ ୦ [illegible]	,, ଶାନ୍ତିବଳକ	ଟ ୦ [illegible]
,, ଗୁରୁଭକ୍ତି	ଟ ୦ [illegible]	,, ବଜାରବୋଲ	ଟ ୦ [illegible]
,, ଅଙ୍ଗଦପଦ	ଟ ୦ [illegible]	,, ଷଣ୍ଡିମ୍ବା ଉଷ	ଟ ୦ [illegible]
,, ଅଶ୍ୱମେଧଯଜ୍ଞ	ଟ ୦ [illegible]	,, ନୂଆବୋଉ	ଟ ୦ [illegible]
,, ବ୍ରହ୍ମାଣ୍ଡ ଭୂଗୋଳ	ଟ ୦ [illegible]	,, ମନବୋଧ ଚଉତିଶା	ଟ ୦ [illegible]
,, ଭଜନସାର	ଟ ୦ [illegible]	,, ଅଳିବୋଲ	ଟ ୦ [illegible]
,, ଦୂତୀବର୍ଣ୍ଣ	ଟ ୦ [illegible]	,, ଦଶପାଠ ଓ	ଟ ୦ [illegible]
,, ଗୁଣସାଗର	ଟ ୦ [illegible]	,, ଦଶହରା	ଟ ୦ [illegible]
,, ଭ୍ରମରବରଦାସ	ଟ ୦ [illegible]	,, ଅଳୋଳବୋଲ	ଟ ୦ [illegible]
,, ଜଗନ୍ନାଥଶ୍ଲୋକ	ଟ ୦ [illegible]	ରାମକୃଷ୍ଣଗୀତା ୧ମ ୨ୟ ଖଣ୍ଡ	ଟ ୦ [illegible]

ମ୍ୟାନେଜର ଏଙ୍ଗଲୋ ଷ୍ଟାର ପ୍ରେସ ।

ନଂ ୫୧ ସୁତାପଟ୍ଟୀ, ବଡ଼ବଜାର—କଲିକତା ।